Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୧ ସଂଖ୍ୟା-୪୮ ୧୧ - ୧୭ ଡିସେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-48 11th - 17th December, 2017 BHUBANESWAR ₹ 5/- (8 Pages)

## ରାଜନୀତିରେ ନୂଆ ଅସ୍ତ୍ର-ନଦୀ

# ମହାନଦୀ-ବ୍ରାହ୍ମଣୀ-କୋଏଲ





**ଭୁବନେଶ୍ୱର :** ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ୭ଟି ବ୍ୟାରେଜ୍ ନିର୍ମାଣ କରି ମହାନଦୀର ଜଳକୁ ଅଟକାଇ ଥିବାରୁ ଓଡ଼ିଶାରେ ଜଳସଙ୍କଟ ଦେଖା ଦେଇଥିବା ନେଇ ଭୟଙ୍କର ବିବାଦର ଅବସାନ ହୋଇ ନଥିଲା ବେଳେ ଏବେ ପୁଣି ନଦୀକୁ ନେଇ ରାଜ୍ୟ ରାଜନୀତି ସରଗରମ। ନଦୀ ରାଜନୀତିରେ ଏବେ ଯୋଡି ହୋଇଯାଇଛି ପୁଣି ଦୁଇଟି ନଦୀ। ଗୋଟିଏ ପଟେ ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣକୁ ନେଇ ଶାସକ ବିଜୁ ଜନତା ଦଳ ରାଜନୀତି କରୁଥିଲା ବେଳେ କୋଏଲ ନଦୀର ବିକାଶକୁ ନେଇ ରାଜ୍ୟ ଭାଜପା ମଧ୍ୟ ରାଜନୀତିର ଅସ୍ତ୍ର ଧରିଛି। ଗତ ୫ମାସ ତଳେ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଶୁଭ ଦେଇଥିଲେ ବି ଏହାର କାର୍ଯ୍ୟ ଆରମ୍ଭ ନହେବାକୁ ନେଇ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡା ଆଭିମୁଖ୍ୟ ଗ୍ରହଣ କରିବା ସହିତ ରାଜ୍ୟ ପାଣ୍ଠିରେ ବ୍ରାହ୍ମଣୀ ସେତୁ ନିର୍ମାଣ କରାଯିବ ବୋଲି କହିବା ପରେ ଏହି ବିବାଦ ତୀବ୍ର ହୋଇଛି। ସୂଚନାଯୋଗ୍ୟ, ବୀରମିତ୍ରପୁର-ରାଜାମୁଣ୍ଡା ୧୪୩ନଂ ଜାତୀୟ ରାଜପଥରୁ ୬ ଲେନ୍ ➤ ପୃ-୬

## ବେଆଇନ୍ ଖଣି କାରବାର ମାମଲା, ମୁଖ୍ୟ ସଚିବଙ୍କୁ ଚିଠି

# ଜାରି ହେବ ସଂଶୋଧିତ ଡିମାଣ୍ଡ ନୋଟିସ୍



**ଭୁବନେଶ୍ୱର :** ବେଆଇନ ଖଣି କାରବାରକୁ ନେଇ ସୁପ୍ରିମ୍‌କୋର୍ଟ ଦ୍ୱାରା ନିଯୁକ୍ତ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି) ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରବାରରେ ସମ୍ପୃକ୍ତ ୧୩୫ଟି ଖଣି ଲିଜ୍‌ଧାରୀଙ୍କୁ ପୁଣିଥରେ ସଂଶୋଧିତ ଡିମାଣ୍ଡ ନୋଟିସ୍ ଜାରି ହେବ ବୋଲି କୁହାଯାଇଛି। ସିଇସିଙ୍କ ସଦସ୍ୟ ସଚିବ ଅମରନାଥ ସେଟ୍ଟୀ ଚଳିତମାସ ୪ତାରିଖରେ ମୁଖ୍ୟ ସଚିବ ଶ୍ରୀ ପାଢ଼ୀଙ୍କୁ ଚିଠି ଲେଖି ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୨ତାରିଖ ରାୟ ଏବଂ ନଭେମ୍ବର ୨୨ତାରିଖ ମୌଖିକ ନିର୍ଦ୍ଦେଶ ଆଧାରରେ ଡିମାଣ୍ଡ୍ ନୋଟିସ୍ ପାଇଥିବା ଖଣି ଲିଜ୍‌ଧାରୀଙ୍କ ଆପତ୍ତି ଉପରେ ସିଇସି ଶୁଣାଣି କରିଥିବା ଜଣାଇଛନ୍ତି। ନଭେମ୍ବର ୨୮ ଓ ୨୯ତାରିଖ ଦୁଇଦିନ ଧରି ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସିଇସି ଶୁଣାଣି କରି ୧୭,୫୭୬.୧୭ କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ପାଇଥିବା ରାଜ୍ୟର ମୋଟ ୧୩୭ଟି ଖଣି ଲିଜ୍‌ଧାରୀଙ୍କ ମଧ୍ୟରୁ ବୋନିକା ଇଣ୍ଡଷ୍ଟ୍ରିଆଲ ଲିଃ(ବକ୍ସାଇଟ୍ ଖଣି) ଓ ଆର୍‌ବି ଦାସ (୫ହେକ୍ଟରରୁ କମ୍ ଖଣି ଅଞ୍ଚଳ)ଙ୍କୁ ଖିଲାପୀ ତାଲିକାରୁ ବାଦ୍ ଦେଇଛନ୍ତି। ଡିମାଣ୍ଡ୍ ନୋଟିସ୍ ପାଇଥିବା ୧୩୫ଟି ଖଣି ଲିଜ୍‌ଧାରୀଙ୍କୁ ସିଇସିଙ୍କ ଗାଇଡ୍‌ଲାଇନ୍ ଆଧାରରେ ସଂଶୋଧିତ ଡିମାଣ୍ଡ ନୋଟିସ୍ ପଠାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଇସି କହିଛନ୍ତି ଯେ ଖଣି ୟାର୍ଡରେ ପଡ଼ି ରହିଥିବା ଖଣିଜ ସାମଗ୍ରୀକୁ ସରକାର ନିଜ ସମ୍ପତ୍ତି ଭାବେ ବିଚାରକୁ ➤ ପୃ-୬

# ଚନ୍ଦ୍ରୟାନ-୨

## ପ୍ରସ୍ତୁତ ହେଉଛି 'ଇସ୍ରୋ'




**ନୂଆଦିଲ୍ଲୀ :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପ୍ରଥମ ଚନ୍ଦ୍ର ମିଶନ୍‌ରେ ଉତ୍ସାହିତ ହୋଇ ଏବେ ଦ୍ୱିତୀୟ ମିଶନ୍ ଚନ୍ଦ୍ରୟାନ-୨ ପଠାଇବାକୁ ଜୋରଦାର ପ୍ରସ୍ତୁତି ଚଳାଇଛି। ଆସନ୍ତା ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଏହାର ଲୁନାର୍ ରୋଭର୍ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ପଦକ୍ଷେପ ନେଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୩ରେ ଚୀନ୍ ଶେଷଥର ପାଇଁ ଚନ୍ଦ୍ରପୃଷ୍ଠରେ ୟୁତୁ ରୋଭର୍ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଇସ୍ରୋ ୨୦୧୯ରେ ସୂର୍ଯ୍ୟ ଅଭିମୁଖେ ପ୍ରଥମ ମିଶନ୍ ପାଇଁ ଘୋଷଣା କରିଥିଲା ➤ ପୃ-୬

# ଗ୍ରାହକଙ୍କୁ ଲୁଟୁଛି ପେଟ୍ରୋଲ ପମ୍ପ୍

## ଓଡ଼ିଶା ଚୁପ୍, କେନ୍ଦ୍ର ମାଗିଲା ରିପୋର୍ଟ



**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ଏକ ସ୍ୱତନ୍ତ୍ର ଚିପ୍ ଲଗାଇ ଗ୍ରାହକମାନଙ୍କୁ ଠକୁଛନ୍ତି ପେଟ୍ରୋଲ ପମ୍ପ ଡିଲର। ଗ୍ରାହକ ଯେତିକି ଟଙ୍କାର ପେଟ୍ରୋଲ ନେବାକୁ ଟଙ୍କା ଦେଉଛି ସେତିକି ଟଙ୍କାର ପେଟ୍ରୋଲ ପାଇପାରୁନାହିଁ। ଏଭଳି ଠକେଇ ଚାଲିଛି ପେଟ୍ରୋଲ ପମ୍ପ୍‌ରେ। ଉପଯୁକ୍ତ ମୂଲ୍ୟ ଦେଇ ଠକେଇର ଶିକାର ହେଉଥିବା ଗ୍ରାହକମାନଙ୍କ ପାଇଁ ତତ୍ପର ହୋଇ ଉଠିଛନ୍ତି କେନ୍ଦ୍ର ସରକାର। ଓଡ଼ିଶାର ୯୦ଟି ପେଟ୍ରୋଲ ପମ୍ପରେ ଏଭଳି ଢଙ୍ଗରେ ଚିପ୍ ଜରିଆରେ ତେଲ ଠକେଇ କରାଯାଉଥିବା ଜଣାପଡିବା ପରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ମାଗିଛି କେନ୍ଦ୍ର ସରକାର। ଠକ ପେଟ୍ରୋଲ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ନଭେମ୍ବର ୧ ତାରିଖରୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଜଣାଇଥିଲେ କି, ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡିଛି। ସୂଚନା ଅନୁସାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ଅନୁସଚିବ ଅବଧେଶ କୁମାର ମେହେଟ୍ଟା ଗତ ନଭେମ୍ବର ୧ ତାରିଖରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ଭିଭି ଯାଦବଙ୍କୁ ଚିଠି ଲେଖି ଓଡ଼ିଶାର ବିଭିନ୍ନ ପେଟ୍ରୋଲ୍ ପମ୍ପ୍ ଇଲେକ୍ଟ୍ରୋନିକ୍ସ ଚିପ୍ସ ଲଗାଇ ଗ୍ରାହକଙ୍କୁ ଠକୁଥିବା ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟର ଯେଉଁ ସବୁ ପେଟ୍ରୋଲ୍ ପମ୍ପ୍‌ରେ ଏହି ଇଲେକ୍ଟ୍ରୋନିକ୍ସ ଚିପ୍ସ୍ ଲଗାଯାଇଛି ସେସବୁ ଡିଲର୍‌ଙ୍କ ତାଲିକା ଦେବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପରାମର୍ଶ ଦେଇଥିଲେ। ସେହି ଅସାଧୁ ଡିଲର୍‌ଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ➤ ପୃ-୬

## ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦ

# ଫେବୃଆରୀ ୮ରୁ ଶୁଣାଣି



**ନୂଆଦିଲ୍ଲୀ :** ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦକୁ ନେଇ ଗତ ୨୦୧୦ ମସିହାରେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହାକୁ ବିଚାରକୁ ନେଇ ବିଭିନ୍ନ ପକ୍ଷଙ୍କ ଆବେଦନ ଉପରେ ଆସନ୍ତା ବର୍ଷ ଫେବୃଆରୀ ୮ରେ ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ। ଏହି ରୁଲିଂ ଦେଇଛନ୍ତି ପ୍ରଧାନ ବିଚାରପତି ଦୀପକ ମିଶ୍ର, ବିଚାରପତି ଅଶୋକ ଭୂଷଣ ଓ ବିଚାରପତି ଏସ୍ ଅବ୍‌ଦୁଲ୍ ନଜିର୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ। ଏହାବ୍ୟତୀତ ଏ ସମ୍ପର୍କିତ ଦସ୍ତାବିଜ୍‌ଗୁଡ଼ିକର ଅନୁବାଦ କରିବା ପାଇଁ ଆବେଦନକାରୀଙ୍କ ଓକିଲମାନଙ୍କୁ ମିଳିତ ଭାବେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ➤ ପୃ-୬



## କେମିତି କଟିବ ଏ ସପ୍ତାହ

ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିପାରନ୍ତି। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ରାଜନୈତିକ ବ୍ୟକ୍ତିମାନେ ଅପମାନିତ ହେବେ। ବ୍ୟବସାୟରେ ଲାଭ ମିଳିବ।

ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ଯୋଗ ରହିଛି। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେଇପାରେ। ଜମିଜମା ବିବାଦର ସମାଧାନ ହେବ। ରାଜନୀତିରେ ଆଧିପତ୍ୟ ଜାହିର କରିବେ। ସତର୍କ ଅବଲମ୍ବନ କରନ୍ତୁ।

ନୂତନ ଗୃହ ନିର୍ମାଣ କରିପାରନ୍ତି। ବୈବାହିକ ଜୀବନ ସୁଖମୟ। ମାନସିକ ସୁସ୍ଥତା ଅନୁଭବ କରିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ।

କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ। ଧନ ପ୍ରାପ୍ତିର ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରି ଚଳିବା ଉଚିତ୍।

ବନ୍ଧୁଙ୍କ ସହ କଳହ ହୋଇପାରେ। ଚାରିଚକିଆ ଯାନପ୍ରତି ସତର୍କ ରୁହନ୍ତୁ। ଆର୍ଥିକ ସମସ୍ୟା ଦୂର ହେବାର ସମ୍ଭାବନା ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଶାତୀତ ଲାଭବାନ ହେବେ।

ପୂଜାପାଠରେ ମନ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇପାରନ୍ତି। ଧନପ୍ରାପ୍ତିର ସୁଯୋଗ ରହିଛି। ନୂଆ ଗାଡି କିଣିବାର ସମ୍ଭାବନା। ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ।

ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ରହିଛି। କଳାକାରମାନେ ଅସୁବିଧାର ସମ୍ମୁଖୀନ ହେବେ। ନୂତନ କର୍ମରେ ଯୋଗଦେଇ ସଫଳତା ଲାଭ କରିବେ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ହେବେ।

ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ନୂତନ ଯାନ କ୍ରୟ କରିପାରନ୍ତି। ସୁସ୍ଥତା ଅନୁଭବ କରିବେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ପାରିବାରିକ କଳହରୁ ମୁକ୍ତି ମିଳିପାରେ।

ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ଦୂର ହେବ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ।

କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ନୂତନ ଯାନ କ୍ରୟ କରିପାରନ୍ତି। ବ୍ୟବସାୟରେ ଅଧିକ ଲାଭ ହେବ। ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟା ତୁଟିବ।

ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ। ରାଜନୈତିକ ଜୀବନରେ ଆଧିପତ୍ୟ ବଢ଼ିବା। ଶରୀର ସୁସ୍ଥ ରହିବ।

ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ରହିବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ବନ୍ଧୁମିଳନ ହୋଇପାରେ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
**କାକଟପୁର, ପୁରୀ**
ମୋ-୯୭୭୭୦୬୩୪୧୧

### ପ୍ୟାନ୍ ସହ ଆଧାର ଲିଙ୍କ୍

## ସମୟ ବଢ଼ିଲା



**ନୂଆଦିଲ୍ଲୀ :** ପରମାନେଣ୍ଟ ଆକାଉଣ୍ଟ ନମ୍ବର (ପ୍ୟାନ୍) ସହିତ ଆଧାର କାର୍ଡକୁ ଲିଙ୍କ୍ କରିବା ନିମନ୍ତେ କେନ୍ଦ୍ର ସରକାର ପୂର୍ବରୁ ଧାର୍ଯ୍ୟ କରିଥିବା ସମୟସୀମା ବଢ଼ାଯାଇଛି। ଏହାକୁ ୨୦୧୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେହେତୁ ଦେଶର କେତେକ ଟିକସଦାତା ଏପର୍ଯ୍ୟନ୍ତ ପ୍ୟାନ୍ ସହ ଆଧାର ଲିଙ୍କ କରିନଥିବାର ଦୃଷ୍ଟିଗୋଚର ହୋଇଥିଲା ସେଥିପାଇଁ ଏଭଳି ନୂଆ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥ ବିଭାଗ ସୂଚନା ଦେଇଛି।

### ସାକ୍ଷାତ ପାଇଁ ଅନୁମତି ଦେଲା ପାକିସ୍ତାନ

## ୨୫ରେ କୁଳଭୂଷଣଙ୍କୁ ଭେଟିବେ ମା' ଓ ପତ୍ନୀ

**ନୂଆଦିଲ୍ଲୀ :** ଗୁପ୍ତଚର ବୃତ୍ତି ଅଭିଯୋଗରେ ପାକିସ୍ତାନ ସାମରିକ ଅଦାଲତ ଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଲ୍‌ଭୂଷଣ ଯାଦବଙ୍କୁ ତାଙ୍କର ମା' ଓ ପତ୍ନୀଙ୍କୁ ଭେଟିବା ପାଇଁ ମିଳିଛି ଅନୁମତି। ଆସନ୍ତା ଡିସେମ୍ବର ୨୫ ବଡ଼ଦିନରେ ଏ ଦୁହିଁଙ୍କୁ ଭେଟିବା ପାଇଁ ଯାଦବଙ୍କୁ ଅନୁମତି ଦେଇଛନ୍ତି ପାକ୍ ସରକାର। ପାକିସ୍ତାନ ଭାରତକୁ ଆଜି ଏହା ଜଣାଇଛି ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଇସ୍‌ଲାମାବାଦରେ ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟର ମୁଖପାତ୍ର ମହମ୍ମଦ ଫୈସଲ୍ କହିଛନ୍ତି, ଯାଦବ ଡିସେମ୍ବର ୨୫ରେ ମା' ଓ ପତ୍ନୀଙ୍କୁ ଭେଟିପାରିବେ। ଫୈସଲ୍ ଗଣମାଧ୍ୟମକୁ କହିଛନ୍ତି, ଯାଦବଙ୍କୁ ତାଙ୍କ ମା' ଓ ପତ୍ନୀ ଭେଟିବା ବେଳେ ଭାରତୀୟ ହାଇକମିଶନ୍‌ର ଷ୍ଟାଫ୍ ସଦସ୍ୟ ମଧ୍ୟ ସେଠାରେ



ଉପସ୍ଥିତ ରହିପାରିବେ। ଏହି ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ସ୍ୱରାଜ ଟ୍ୱିଟର୍‌ରେ କହିଛନ୍ତି, "ପାକିସ୍ତାନ ସରକାର ଜଣାଇଛନ୍ତି ଯେ, ସେମାନେ କୁଲ୍‌ଭୂଷଣ ଯାଦବଙ୍କ ମା' ଓ ପତ୍ନୀଙ୍କୁ ଭିସା ପ୍ରଦାନ କରିବେ। ମୁଁ କୁଲ୍‌ଭୂଷଣଙ୍କ ମା' ଅବନ୍ତିକା ଯାଦବଙ୍କ ସହ କଥା ହୋଇଛି ଏବଂ ତାଙ୍କୁ ଏ ବିଷୟରେ ଜଣାଇଛି।" ଏଥିପୂର୍ବରୁ ନଭେମ୍ବର ୧୦ରେ ପାକିସ୍ତାନ ଯାଦବଙ୍କୁ ଭେଟିବା ପାଇଁ କେବଳ ତାଙ୍କ ପତ୍ନୀଙ୍କୁ ଅନୁମତି ଦେବାକୁ ରାଜି ହୋଇଥିଲା। କିନ୍ତୁ ମାନବିକତା ଦୃଷ୍ଟିକୋଣରୁ ଯାଦବଙ୍କ ମା'ଙ୍କୁ ଏହି ସୁଯୋଗ ଦିଆଯିବାକୁ ଭାରତ ପାକିସ୍ତାନ ନିକଟରେ ଦାବି ଜଣାଇଥିଲା। ୪୭ ବର୍ଷ ବୟସ୍କ ଯାଦବଙ୍କୁ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଗତ ଏପ୍ରିଲ୍‌ରେ ପାକିସ୍ତାନ ସାମରିକ ଅଦାଲତ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛି। ଏହା ବିରୋଧରେ ଭାରତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ଆବେଦନ କରିବାରୁ ଗତ ମେ' ୧୮ରେ ଏହି ଅଦାଲତ ପକ୍ଷରୁ ମୃତ୍ୟୁଦଣ୍ଡ ଉପରେ ରହିତାଦେଶ ଜାରି ହୋଇଛି। ଡିସେମ୍ବର ୧୩ ପୂର୍ବରୁ ଅଦାଲତରେ ଏହାର ଉତ୍ତର ରଖିବାକୁ ପାକିସ୍ତାନକୁ କୁହାଯାଇଛି।

## ଜେରୁଜେଲମ୍‌କୁ ଟ୍ରମ୍ପଙ୍କ ସ୍ୱୀକୃତି ପରେ ବିବାଦ

**ୱାଶିଂଟନ୍ :** ଇସ୍ରାଏଲର ରାଜଧାନୀ ଭାବେ ଜେରୁଜେଲମ୍‌କୁ ସ୍ୱୀକୃତି ଦେବାକୁ ନିଷ୍ପତ୍ତି ନେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍। ହ୍ୱାଇଟ୍ ହାଉସ୍‌ରୁ ଏହି ଘୋଷଣା କରିପାରନ୍ତି ରାଷ୍ଟ୍ରପତି ଟ୍ରମ୍ପ୍। ତେଲ୍ ଆଭିଭ୍‌ରୁ ଆମେରିକାର ଦୂତାବାସକୁ ଜେରୁଜେଲମ୍‌କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବାକୁ ରାଷ୍ଟ୍ରପତି ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତେଲ୍ ଆଭିଭ୍‌ରୁ ଆମେରିକାର ଦୂତାବାସକୁ ପବିତ୍ର ନଗରୀ ଜେରୁଜେଲମ୍‌କୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ତେଲ୍ ଆଭିଭ୍‌ରୁ ଆମେରିକାର ଦୂତାବାସକୁ ଜେରୁଜେଲମ୍‌କୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ କିଛି ବର୍ଷ ଲାଗିପାରେ ବୋଲି ଜଣେ ହ୍ୱାଇଟ୍‌ହାଉସ୍ ଅଧିକାରୀ କହିଛନ୍ତି। ଇସ୍ରାଏଲର ରାଜଧାନୀ ଭାବେ ଜେରୁଜେଲମ୍‌କୁ ସ୍ୱୀକୃତି ଦିଆଯିବା ପ୍ରସଙ୍ଗରେ ରାଷ୍ଟ୍ରପତି ଟ୍ରମ୍ପ୍ ଆରବ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ଏପରି ନିଷ୍ପତ୍ତି ନନେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସାଉଦି ଆରବ, ଇଜିପ୍ଟ, ଜର୍ଡାନ୍, ୟୁରୋପୀୟ ୟୁନିଅନ୍, ଫ୍ରାନ୍ସ, ଜର୍ମାନୀ ଓ ତୁର୍କୀର ନେତାମାନେ ସତର୍କ କରାଇଛନ୍ତି। ସାଉଦି କିଙ୍ଗ୍ ସଲମାନ୍ ବିନ୍ ଅବଦୁଲ୍ଲାଜିଜ୍ ସୌଦ୍ କହିଛନ୍ତି, ଇସ୍ରାଏଲର ରାଜଧାନୀ ଭାବେ ଜେରୁଜେଲମ୍‌କୁ ସ୍ୱୀକୃତି ଦିଆଗଲେ କିମ୍ବା ଆମେରିକାର ଦୂତାବାସ ତେଲ୍ ଆଭିଭ୍‌ରୁ ଜେରୁଜେଲମ୍‌କୁ ସ୍ଥାନାନ୍ତର କରାଗଲେ ବିଶ୍ୱବ୍ୟାପୀ ମୁସଲିମ୍‌ମାନେ ପ୍ରତିକ୍ରିୟାଶୀଳ ହେବେ ଓ ବିରୋଧ କରିବେ। ପାଲେଷ୍ଟାଇନ୍ ନେତା ମହମ୍ମଦ ଆବାସ୍ ମଧ୍ୟ ଆମେରିକାର ଏହି ଯୋଜନାକୁ ବିରୋଧ କରି କହିଛନ୍ତି, ଏହା ଫଳରେ ମଧ୍ୟପ୍ରାଚ୍ୟରେ ତଥା ଆରବ ଜଗତରେ ଘୋର ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବ। ଜେରୁଜେଲମ୍‌ର ଷ୍ଟାଟସ୍‌କୁ ନେଇ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ବିବାଦ ରହିଛି। ଉଭୟ ପକ୍ଷ ଜେରୁଜେଲମ୍‌କୁ ସେମାନଙ୍କ ରାଜଧାନୀ ବୋଲି ଦାବି କରୁଛନ୍ତି। ଜେରୁଜେଲମ୍‌ରେ ଜୁଡାଇଜମ୍, ଇସଲାମ୍ ଓ ଖ୍ରୀଷ୍ଟିଆନିଟିର ମୁଖ୍ୟ ଧର୍ମପୀଠମାନ ରହିଛି। ସୂଚନା ଅନୁସାରେ ଏହାକୁ ନେଇ ବିବାଦ ମଧ୍ୟ ଦେଖାଦେଇଛି।

## ଏନ୍‌ଏସ୍‌ଜିରେ ଭାରତର ପ୍ରବେଶକୁ ରୁଷ୍‌ର ସମର୍ଥନ

**ନୂଆଦିଲ୍ଲୀ :** ନ୍ୟୁକ୍ଲିୟର୍ ସପ୍ଲାୟରସ୍ ଗ୍ରୁପ୍ (ଏନ୍‌ଏସ୍‌ଜି)ରେ ଭାରତର ପ୍ରବେଶକୁ ବିରୋଧ କରିବାପାଇଁ ଚୀନ୍ ରଚିଥିବା ଷଡ଼ଯନ୍ତ୍ରକୁ ପ୍ରତିହତ କରିବାକୁ ପ୍ରଥମ ରାଷ୍ଟ୍ର ଭାବେ ରୁଷ୍ ସାମନାକୁ ଆସିଛି। ଏହା ସହିତ ଭାରତର ଆବେଦନକୁ ପାକିସ୍ତାନ ସହିତ ଯୋଡ଼ିବାର କୌଣସି କାରଣ ନାହିଁ ବୋଲି ରୁଷ ତରଫରୁ କୁହାଯାଇଛି। ଦୁଇ ଦେଶକୁ ନା ସମାନ ଭାବରେ ଦେଖାଯାଇପାରିବ, ନା ସମାନ ନିର୍ଣ୍ଣୟ ନିଆଯାଇପାରିବ ବୋଲି କୁହାଯାଇଛି। ରୁଷ୍‌ର ଡେପୁଟୀ ବୈଦେଶିକ ମନ୍ତ୍ରୀ ରିଆବ୍‌କୋଭ୍ ଭାରତର ବୈଦେଶିକ ସଚିବ ଏସ୍

NSG
Nuclear Suppliers Group

ଜୟଶଙ୍କରଙ୍କୁ ଭେଟିବା ପରେ କହିଛନ୍ତି "ଆମେ ଯେତେବେଳେ ଲକ୍ଷ୍ୟ କଲୁ ପାକିସ୍ତାନର ଆବେଦନ ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ସର୍ବସମ୍ମତି ନାହିଁ, ଏହା ସହିତ ଭାରତର ଆବେଦନକୁ ତୁଳନା କରାଯିବାର ଆବଶ୍ୟକତା ନାହିଁ"। ଚୀନ୍‌ର ନିରର୍ଥକ ଯୁକ୍ତିକୁ ମୁକାବିଲା କରିବା ପାଇଁ ଋଷର ଉଚ୍ଚସ୍ତରୀୟ କୁଟନୈତିକ ବ୍ୟକ୍ତି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଏହି ମାମଲାରେ ଥିବା ଜଟିଳତା ସମ୍ବନ୍ଧରେ ଜଣା ଅଛି ମାତ୍ର ଅନ୍ୟ ରାଷ୍ଟ୍ରଗୁଡ଼ିକ କେବଳ କଥା କହୁଥିବାବେଳେ ରୁଷ ଏଥିପାଇଁ କାମ ଚାଲୁ ରଖିଛି। ଏହି ବିଷୟରେ ଚୀନ୍ ସହିତ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଛି ବୋଲି ସେ ଜଣାଇଛନ୍ତି। କିଛିଦିନ ପୂର୍ବରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ରୁଷ୍ ଗସ୍ତରେ ଯାଇଥିଲେ। ଭାରତର ସଦସ୍ୟତାକୁ ଚୀନ୍ ବିରୋଧ କରିବାରୁ ବିରତ ହେବାପାଇଁ ରୁଷ ଚୀନକୁ ରାଜି କରାଉ ବୋଲି ଭାରତ ଅନୁରୋଧ କରିଥିଲା। ଏହି ମାମଲାର ରାଜନୀତିକରଣକୁ ସେ ନିନ୍ଦା କରିବା ସହିତ ପରୋକ୍ଷରେ ଜଣାଇଥିଲେ କେବଳ ରୁଷର ନୁହେଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭାରତର ସଦସ୍ୟତା ପାଇଁ ସକାରାତ୍ମକ ମନୋଭାବ ରଖିବା ଉଚିତ। ସେହିପରି ରୁଷ ପାକିସ୍ତାନ ସହିତ ଯୋଡ଼ିବାକୁ ଯାଉଥିବା ନୂତନ ସମ୍ପର୍କ ବିଷୟରେ ସେ କହିଛନ୍ତି ପାକିସ୍ତାନ ବହୁପକ୍ଷୀୟ ମଞ୍ଚ ପ୍ରତି ଆଗ୍ରହ ବଢ଼ାଇଛି କିନ୍ତୁ ଏଥିରେ ରୁଷ୍‌ର କୌଣସି ଗୁପ୍ତ ଏଜେଣ୍ଡା ନାହିଁ। ଅନ୍ୟ କେଉଁ ରାଷ୍ଟ୍ର ସହିତ ସମ୍ପର୍କର ମୂଲ୍ୟ ଭାରତଠାରୁ କମ୍ ବୋଲି ସେ ନିଶ୍ଚିତ କରାଇଛନ୍ତି।

### ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିବାରେ ପାକିସ୍ତାନ ବିଫଳ

## ଆମେରିକା ଖପ୍ପା

**ୱାଶିଂଟନ୍ :** ଆତଙ୍କବାଦ ବିରୋଧରେ ପାକିସ୍ତାନ ସରକାର ଓ ସେନାର ଲଢ଼େଇକୁ ନେଇ ଆମେରିକା ସନ୍ତୁଷ୍ଟ ନୁହେଁ। ଆମେରିକା ଅନୁଭବ କରିଛି ଯେ ତାଲିବାନ୍ ଓ ହକ୍କାନି ନେଟ୍‌ୱର୍କ ଭଳି ଆତଙ୍କବାଦୀ ସଂଗଠନକୁ ନିଷ୍କ୍ରିୟ କଲାଭଳି କୌଣସି ବଡ଼ ପଦକ୍ଷେପ ପାକିସ୍ତାନ ଏଯାଏ ନେଇନାହିଁ। ପାକିସ୍ତାନ ଭୂମିରେ ଏବେ ବି ତାଲିବାନ୍ ଓ ହକ୍କାନି ନେଟ୍‌ୱର୍କର ଗୋପନ ଆଶ୍ରୟସ୍ଥଳ ରହିଛି। ତାଲିବାନ୍ ଓ ହକ୍କାନି ନେଟ୍‌ୱର୍କର ଆଡ୍ଡାଗୁଡ଼ିକ ଧ୍ୱଂସ କରିବା ଲକ୍ଷ୍ୟରେ ଆମେରିକା ସହ ମିଳିତ ସେନା ଅଭିଯାନ ଚଳାଇବାକୁ ପାକିସ୍ତାନ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଏଯାଏ ତାହା କରିନାହାନ୍ତି। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର୍‌ମାଇଣ୍ଡ ହାଫିଜ୍ ସୟିଦ୍‌କୁ ଗିରଫ କରିବାକୁ କିମ୍ବା ଅଟକ ରଖିବାକୁ ପାକିସ୍ତାନ ସରକାର ଚାହିଁନାହାନ୍ତି ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ପଦସ୍ଥ ଅଧିକାରୀ କହିଛନ୍ତି। ଆଫଗାନିସ୍ତାନରେ ଆମେରିକାର ରଣନୀତି ସଫଳ ହେବାରେ ପାକିସ୍ତାନ ସହଯୋଗ ଦେବା ହିଁ ପାକିସ୍ତାନ ପାଇଁ ଲାଭଦାୟକ ହେବ ବୋଲି ସେ କହିଛନ୍ତି। ହକ୍କାନି ନେଟ୍‌ୱର୍କ ଧ୍ୱଂସ କରିବାକୁ ପାକିସ୍ତାନ କୌଣସି ପଦକ୍ଷେପ ନେଇନଥିବାରୁ ଆମେରିକାରୁ ପାଇବାକୁ ଥିବା ୩୫କୋଟି ଡଲାରର ଅନୁଦାନକୁ ଆମେରିକା ପ୍ରଶାସନ ଅଟକାଇ ରଖିଛି। ତେଣୁ ଆମେରିକାକୁ ସନ୍ତୁଷ୍ଟ କରିବାକୁ ପାକିସ୍ତାନ ପ୍ରତିଶ୍ରୁତି ଦେଇଛି ଯେ ପାକିସ୍ତାନରେ ଥିବା ହକ୍କାନି ନେଟ୍‌ୱର୍କର ଗୋପନ ଆଡ୍ଡାଗୁଡ଼ିକୁ ଠାବ କରାଯାଇ ଧ୍ୱଂସ କରାଯିବ। କିନ୍ତୁ ସେ ପ୍ରତିଶ୍ରୁତି ପାକିସ୍ତାନ ସେନା ଏଯାଏ ପାଳନ କରିନଥିବାରୁ ଆମେରିକା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଗତ ଅକ୍ଟୋବରରେ ପାକିସ୍ତାନୀ ସେନା ହକ୍କାନି ନେଟ୍‌ୱର୍କ ଦ୍ୱାରା ୫ବର୍ଷ ତଳେ ଅପହୃତ ହୋଇଥିବା କୋଲିମାନ୍ ପରିବାରକୁ ଉଦ୍ଧାର କରିଛି। କିନ୍ତୁ ଆମେରିକାର ଗୋଇନ୍ଦା ସୂଚନା ଅନୁଯାୟୀ ପାକିସ୍ତାନୀ ସେନା ଅପହୃତଙ୍କୁ ଉଦ୍ଧାର କରିଥିଲା। ତେଣୁ ତାହା ପାକିସ୍ତାନୀ ସେନାର ଆତଙ୍କବାଦ ବିରୋଧରେ ଲଢ଼ିବାକୁ ଆନ୍ତରିକତା ଓ ପ୍ରତିବଦ୍ଧତାର ପ୍ରମାଣ ବୋଲି ଆମେରିକା ଭାବୁନାହିଁ। ଆମେରିକା ଏବେ ପାକିସ୍ତାନ ସରକାରଙ୍କ ମତିଗତି ଓ ସେନାର ଗତିବିଧି ଉପରେ ସତର୍କ ନଜର ରଖିଛି।

### ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ଘୋଷଣା

## ସୁଧ ହାର ଅପରିବର୍ତ୍ତିତ

**ନୂଆଦିଲ୍ଲୀ :** ରିଜର୍ଭ ବ୍ୟାଙ୍କର ମନିଟାରୀ ପଲିସୀ କମିଟିର ଦୁଇଦିନିଆ ବୈଠକ ଶେଷ ହେବା ପରେ ନୂତନ ମୁଦ୍ରାନୀତି ଘୋଷଣା କରିଛନ୍ତି ଗଭର୍ଣ୍ଣର ଉର୍ଜ୍ଜିତ ପଟେଲ। ଏଥର ସୁଧ ହାର ଅପରିବର୍ତ୍ତିତ ରଖାଯାଇଛି। ଶିଳ୍ପ ଓ ବ୍ୟବସାୟ ମହଲ ଚାହିଁଥିଲା ରିଜର୍ଭ ବ୍ୟାଙ୍କ ବେଞ୍ଚମାର୍କ ସୁଧ ହାର ବା ରେପୋ ରେଟ୍ ହ୍ରାସ କରିବ। କିନ୍ତୁ ଅର୍ଥନୀତି ବିଶ୍ଳେଷକମାନେ ପୂର୍ବାନୁମାନ କରିଥିଲେ, ସୁଧ ହାର ଅପରିବର୍ତ୍ତିତ ରହିବ। ରିଜର୍ଭ ବ୍ୟାଙ୍କ ଯେଉଁ ସୁଧ ହାରରେ ବ୍ୟବସାୟିକ ବ୍ୟାଙ୍କଙ୍କୁ ଋଣ ଦିଏ ତାହାକୁ ରେପୋ ରେଟ୍ କୁହାଯାଏ। ରେପୋ ରେଟ୍ କମିଲେ ବ୍ୟାଙ୍କମାନେ ଗ୍ରାହକଙ୍କୁ କମ୍ ସୁଧରେ ଋଣ ଦେବାକୁ ସମର୍ଥ ହୁଅନ୍ତି। ଏଥର ରେପୋ ରେଟ୍ ଅପରିବର୍ତ୍ତିତ ରହିବାର କାରଣ, କ୍ରମାଗତ ୫ଟି ତ୍ରୟମାସରେ ନିମ୍ନାଭିମୁଖୀ ରହିଥିବା ଦେଶର ମୋଟ ଉତ୍ପାଦ ବା ଜିଡିପି ବୃଦ୍ଧି ହାର ସେପ୍ଟେମ୍ବରରେ ସମାପ୍ତ ତ୍ରୟମାସରେ ଉର୍ଦ୍ଧ୍ୱମୁଖୀ ହୋଇ ପୂର୍ବ ତ୍ରୟମାସର ହାର ୫.୭%ରୁ ବଢ଼ି ୬.୩%ରେ ପହଞ୍ଚିଛି। ଫଳରେ ରିଜର୍ଭ ବ୍ୟାଙ୍କ



ଉପରେ ଅଭିବୃଦ୍ଧି ମନ୍ଥରତାଜନିତ ଚାପ କମିଛି। ପୁଣି ଅନ୍ତରାଷ୍ଟ୍ରୀୟ ରେଟିଂ ଏଜେନ୍ସି ମୁଡିଜ୍ ଗତ ମାସରେ ଭାରତର ସଭରେନ୍ ରେଟିଂ ବଢ଼ାଇଛି। ତେଣୁ, ଏବେ ମୁଦ୍ରାସ୍ଫୀତିକୁ ବଢ଼ିବାକୁ ନଦେବା ପାଇଁ ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିଛି। ଏହି ଦୁଇଦିନିଆ ମୁଦ୍ରାନୀତି ସମୀକ୍ଷା ବୈଠକ ହେଉଛି ୨୦୧୭-୧୮ର ପଞ୍ଚମ ଦ୍ୱିମାସିକ ବୈଠକ। ଗତ ଅକ୍ଟୋବରରେ ଅନୁଷ୍ଠିତ ମୁଦ୍ରାନୀତି ସମୀକ୍ଷା ବୈଠକରେ ଆକଳନ ହୋଇଥିଲା ଯେ ୨୦୧୭-୧୮ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୭% ରହିବ ଯାହା ଟାର୍ଗେଟ୍‌ଠାରୁ କମ୍। ତେଣୁ ସୁଧ ହାର ଅପରିବର୍ତ୍ତିତ ରଖାଯିବ ଓ ଖୁଚୁରା ମୁଦ୍ରାସ୍ଫୀତି ଯାହା ଅକ୍ଟୋବରରେ ୩.୫୮%କୁ ବଢ଼ିଛି ତାହାକୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମୁଦ୍ରାସ୍ଫୀତିକୁ ୪%ରେ ସୀମିତ ରଖାଯିବା ହେଉଛି ରିଜର୍ଭ ବ୍ୟାଙ୍କର ଟାର୍ଗେଟ୍। ଗତ ଅଗଷ୍ଟରେ ଅନୁଷ୍ଠିତ ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋ ରେଟ୍ ୦.୨୫ ପର୍ସେଣ୍ଟେଜ୍ ପଏଣ୍ଟ୍ କମାଯାଇଥିଲା। ଏବେ ସେହି ୬% ରେପୋ ରେଟ୍ ବଳବତ୍ତର ରହିଲା। ବ୍ୟାଙ୍କଗୁଡ଼ିକ ଯାହା ଜମା ସଂଗ୍ରହ କରନ୍ତି ତାହାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ସରକାରୀ ବଣ୍ଡ୍ କ୍ରୟରେ ବିନିଯୋଗ କରିବାକୁ ପଡ଼ିଥାଏ। ତାହାକୁ ଷ୍ଟାଚ୍ୟୁଟାରୀ ଲିକ୍ୱିଡିଟି ରେସିଓ ବା ଏସ୍‌ଏଲ୍‌ଆର୍ କୁହାଯାଏ। ବର୍ତ୍ତମାନ ଏସ୍‌ଏଲ୍‌ଆର୍ ୧୯.୫ % ରହିଛି। ଏସ୍‌ଏଲ୍‌ଆର୍ କମିଲେ ମଧ୍ୟ ବ୍ୟାଙ୍କମାନେ ଗ୍ରାହକଙ୍କୁ ଅଧିକ ଋଣ ଦେବାକୁ ସକ୍ଷମ ହୋଇଥାନ୍ତି। ବ୍ୟାଙ୍କମାନେ ଯାହା ଜମା ସଂଗ୍ରହ କରନ୍ତି ତାହାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ନଗଦ ଆକାରରେ ପାଖରେ କିମ୍ବା କରେନ୍ସି ଚେଷ୍ଟରେ ରଖନ୍ତି। ତାହାକୁ କ୍ୟାଶ୍ ରିଜର୍ଭ ରେସିଓ ବା ସିଆର୍‌ଆର୍ କୁହାଯାଏ।

### ପାକିସ୍ତାନକୁ ଝଟ୍‌କା

## ସିପିଇସିକୁ ଚୀନ୍‌ର ପାଣ୍ଠି ଯୋଗାଣ ବନ୍ଦ

**ଇସଲାମବାଦ୍ :** ପାକିସ୍ତାନରେ ନିର୍ମାଣାଧୀନ ଚୀନ୍-ପାକିସ୍ତାନ ଇକନମିକ୍ କରିଡର୍ ବା ସିପିଇସିର ୩ଟି ରୋଡ୍ ନେଟ୍‌ୱର୍କ ପ୍ରକଳ୍ପକୁ ଚୀନ୍ ପକ୍ଷରୁ ଫଣ୍ଡିଂ ସାମୟିକ ଭାବେ ବନ୍ଦ କରାଯାଇଛି। ବେଜିଂ ସିପିଇସି ଫଣ୍ଡିଂ ପାଇଁ ନୂଆ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବା ପରେ ପ୍ରକଳ୍ପକୁ ଫଣ୍ଡ ଯୋଗାଇବ ବୋଲି କୁହାଯାଉଛି। ସିପିଇସିର ୩ଟି ରୋଡ୍ ନେଟ୍‌ୱର୍କ ପ୍ରକଳ୍ପ ପାଇଁ ୧ଲକ୍ଷ କୋଟି ପାକିସ୍ତାନୀ ଟଙ୍କା ବା ୯୦୦ କୋଟି ଆମେରିକୀୟ ଡଲାରର ବ୍ୟୟ ଅଟକଳ ରହିଛି। ପ୍ରକଳ୍ପ ନିର୍ମାଣରେ ବଡ଼ ଧରଣର ଦୁର୍ନୀତି ଚାଲିଥିବା ବିଷୟରେ ପାକ୍ ମିଡିଆରେ ଅନେକ ଖବର ପ୍ରକାଶ ପାଇବା ପରେ ଚୀନ୍ ସରକାର ସିପିଇସିର ଫଣ୍ଡିଂ ପାଇଁ ନୂଆ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି



ନେଇଛନ୍ତି। ପାକିସ୍ତାନ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚୀନ୍ ନୂଆ ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବା ପରେ ପୁଣି ପାଣ୍ଠି ଯୋଗାଇଦେବ। ଚୀନ୍‌ର ସମ୍ମାନଜନକ ଫ୍ଲାଗସିପ୍ ପ୍ରକଳ୍ପ ୱାନ୍ ବେଲ୍ଟ, ୱାନ୍ ରୋଡ୍ ଅନ୍ତର୍ଗତ ୫ ହଜାର କୋଟି ଡଲାର ବିଶିଷ୍ଟ ସିପିଇସି ପାକ୍ ଅଧିକୃତ କଶ୍ମୀର ଦେଇ କାର୍ଯ୍ୟକାରୀ ହେଉଛି। ଚୀନ୍‌ର ଜିନ୍‌ଜିଆଙ୍ଗ୍ ଅଞ୍ଚଳକୁ ଏହି ରୋଡ୍ ବାଲୁଚିସ୍ତାନ ସହ ସଂଯୋଗ କରିବ। ଚୀନ୍‌ର ପାଣ୍ଠି ଯୋଗାଣ ସାମୟିକ ବନ୍ଦ ହେବା ଦ୍ୱାରା ୨୧୦ କି.ମି. ଦୀର୍ଘ ଡେରା ଇସ୍‌ମାଇଲ୍ ଖାଁ - ଝୋବ୍ ରୋଡ୍ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହା ଦ୍ୱାରା ବାଲୁଚିସ୍ତାନରେ ୧୧୦ କି.ମି. ଦୀର୍ଘ ଖୁଜ୍‌ଦାର୍ - ବାସିମା ରୋଡ୍ କାର୍ଯ୍ୟ ମଧ୍ୟ ବ୍ୟାହତ ହେବ। ଏହାଛଡ଼ା ତୃତୀୟ ପ୍ରକଳ୍ପ ପାକ୍ ଅଧିକୃତ କଶ୍ମୀରର ରାଇକୋଟ୍‌ରୁ ଥାକୋଟ୍ ପର୍ଯ୍ୟନ୍ତ ୧୩୬ କି.ମି. ଦୀର୍ଘ କାରାକୋରମ୍ ରାଜପଥ ନିର୍ମାଣ କାର୍ଯ୍ୟ ମଧ୍ୟ ବ୍ୟାହତ ହେବ। ପ୍ରାଥମିକ ପର୍ଯ୍ୟାୟରେ ଏହି ୩ଟି ପ୍ରକଳ୍ପ ପାକ୍ ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଥିଲା। କିନ୍ତୁ ୨୦୧୬ ଡିସେମ୍ବରରେ ପାକିସ୍ତାନର ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଘୋଷଣା କରାଗଲା ଯେ, ଏହାକୁ ଚୀନ୍ - ପାକିସ୍ତାନ ଇକୋନମିକ୍ କରିଡର୍ ଅନ୍ତର୍ଭୁକ୍ତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ପାକିସ୍ତାନ ଗସ୍ତରେ ଯାଇଥିଲା ବେଳେ ସିପିଇସି ଲଞ୍ଚ ହୋଇଥିଲା।




## ମହାନଦୀ ପାଇଁ ଓଡ଼ିଶା ସରକାରଙ୍କ ଜବାବୀ ସତ୍ୟପାଠ

# କେନ୍ଦ୍ରକୁ ଚ୍ୟାଲେଞ୍ଜ୍, ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ

**ଭୁବନେଶ୍ୱର :** ମହାନଦୀ ବିବାଦ ମାମଲାରେ କେନ୍ଦ୍ର ସରକାରଙ୍କ ସତ୍ୟପାଠକୁ ଚ୍ୟାଲେଞ୍ଜ କରିଛି ଓଡ଼ିଶା। ଏନେଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଏକକାଳୀନ ଦୁଇଟି ଆବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ସତ୍ୟପାଠକୁ ଭୁଲ୍ ଦର୍ଶାଇ ଓଡ଼ିଶା ସରକାର ନିଜ ପକ୍ଷକୁ ସତ୍ୟପାଠ ମାଧ୍ୟମରେ ସୁପ୍ରିମକୋର୍ଟଙ୍କୁ ଅବଗତ କରିବା ସହ ଟ୍ରିବ୍ୟୁନାଲ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ନିମନ୍ତେ ଦାଏର କରିଛନ୍ତି ଇଣ୍ଟରଲୋକ୍ୟୁଟାରୀ ଆପ୍ଲିକେସନ୍। ସୂଚନା ଅନୁସାରେ ସୁପ୍ରିମକୋର୍ଟରେ ଓଡ଼ିଶା ସରକାରଙ୍କ ଓକିଲ ହରିଶ ସାଲ୍‌ଭେଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗର ଯୁଗ୍ମସଚିବ ଡଃ ବିଜୟ କେତନ ଉପାଧ୍ୟାୟ ଦାଏର କରିଥିବା ୬୦ପୃଷ୍ଠାର ଜବାବୀ ସତ୍ୟପାଠରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନଭେମ୍ବର ୨୯ତାରିଖରେ ଦାଖଲ ସତ୍ୟପାଠକୁ ଚ୍ୟାଲେଞ୍ଜ କରାଯାଇଛି। ମହାନଦୀ ବିବାଦର ସମାଧାନ ପାଇଁ ଆନ୍ତଃରାଜ୍ୟ ନଦୀ ବିବାଦ ଆଇନ (ଆଇଏସ୍‌ଆରଡବ୍ଲ୍ୟୁଡି)-୧୯୫୬ର ଧାରା-୩ ଅନ୍ତର୍ଗତ ଟ୍ରିବ୍ୟୁନାଲ ଗଠନ ନିମନ୍ତେ ଓଡ଼ିଶା ସରକାର ୨୦୧୬ ନଭେମ୍ବର ୧୯ତାରିଖରେ କେନ୍ଦ୍ର ସରକାରଙ୍କୁ ଆବେଦନ କରିସାରିଛନ୍ତି। ତେଣୁ ଏହି ଆଇନର ଧାରା-୪(୧) ଆଧାରରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍ ଗଠନ କରିବାକୁ



ବାଧ୍ୟ। ମାତ୍ର ଓଡ଼ିଶା ତଥ୍ୟ ଦେଇନାହିଁ ବୋଲି କହି ଟ୍ରିବ୍ୟୁନାଲ୍ ଗଠନ ପ୍ରକ୍ରିୟାକୁ କେନ୍ଦ୍ର ସରକାର ଓହରିଯିବାକୁ ଚାହୁଁଛି। ଯାହାକି ଆଇଏସ୍‌ଆରଡବ୍ଲ୍ୟୁଡି ଆକ୍ଟର ସିଧାସଳଖ ଉଲ୍ଲଙ୍ଘନ। ପ୍ରାଥମିକ ଭାବେ ଆବଶ୍ୟକ ତଥ୍ୟକୁ ରାଜ୍ୟ ସରକାର ବହୁ ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଅବଗତ କରିସାରିଛନ୍ତି। ତେବେ ଏହି ମାମଲାରେ କେନ୍ଦ୍ର ସରକାର ଗୋଟିଏ ପକ୍ଷ ହୋଇଥିବାରୁ ରାଜ୍ୟ ନିଜର ସମସ୍ତ ତଥ୍ୟ ଦେବାକୁ ଉଚିତ୍ ମଣିନାହିଁ। ଓଡ଼ିଶା ନିଜର ସମସ୍ତ ତଥ୍ୟ ଟ୍ରିବ୍ୟୁନାଲ୍ କିମ୍ବା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଯେକୌଣସି ନିରପେକ୍ଷ ଯାଞ୍ଚ କମିଟିକୁ ଦେବାକୁ ପ୍ରସ୍ତୁତ ଅଛି। ତେଣୁ ଓଡ଼ିଶା ପର୍ଯ୍ୟାପ୍ତ ତଥ୍ୟ ଦେଇନାହିଁ ବୋଲି କହି କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍ ଗଠନକୁ ବିରୋଧ କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଓଡ଼ିଶା ସରକାର ନିଜର ସତ୍ୟପାଠରେ ଯୁକ୍ତି ବାଢ଼ିଛନ୍ତି। ଏହା ସହିତ ଓଡ଼ିଶା ସରକାର ନିଜର ସତ୍ୟପାଠରେ କେତେକ ଦସ୍ତାବିଜକୁ ମଧ୍ୟ ସାମିଲ କରିଛନ୍ତି। ସେଥିରେ କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ୍‌ଙ୍କ ଦ୍ୱାରା ମହାନଦୀ ଟ୍ରିବ୍ୟୁନାଲ ଗଠନ ପ୍ରସଙ୍ଗରେ ସଂସଦରେ ଦିଆଯାଇଥିବା ଲିଖିତ ଉତ୍ତରକୁ ମଧ୍ୟ ରାଜ୍ୟ ସରକାର ସାମିଲ କରିଛନ୍ତି। ସାଂସଦ ଏଭି ସ୍ୱାମୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବାଲ୍ୟାନ୍ ରାଜ୍ୟସଭାରେ ୨୦୧୭ ଜୁଲାଇ ୩୧ତାରିଖରେ ସ୍ପଷ୍ଟ ଭାବେ କହିଥିଲେ ଯେ ମହାନଦୀ ବିବାଦର ସମାଧାନ ପାଇଁ ବୁଝାମଣା କମିଟିର ସୁପାରିସ୍ ଆଧାରରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ୍ ଚିଠା ପ୍ରସ୍ତାବ ମଧ୍ୟ ପ୍ରସ୍ତୁତ ସରିଛି। କିନ୍ତୁ ପରବର୍ତ୍ତୀ ସମୟରେ ମନ୍ତ୍ରଣାଳୟ ଓଡ଼ିଶା ତଥ୍ୟ ଦେଉନାହିଁ ବୋଲି କହି ଟ୍ରିବ୍ୟୁନାଲ ଗଠନ ପରିବର୍ତ୍ତେ ଆପୋସ ସମାଧାନ ପାଇଁ ଯୁକ୍ତି ଦର୍ଶାଉଛି, ଯାହା ଓଡ଼ିଶା ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଆଇଏସ୍‌ଆରଡବ୍ଲ୍ୟୁଡି ଆକ୍ଟ-୧୯୫୬ର ଧାରା-୩ ଅନ୍ତର୍ଗତ ଓଡ଼ିଶା ସରକାର ମହାନଦୀ ବିବାଦର ସମାଧାନ ଟ୍ରିବ୍ୟୁନାଲ ଗଠନ ମାଧ୍ୟମରେ ଆବେଦନ କରିଥିବାରୁ ଏ ଦିଗରେ କେନ୍ଦ୍ର ସରକାର ନିଜର ସଂଘୀୟ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି ବୋଲି ସତ୍ୟପାଠରେ ଦର୍ଶାଯାଇଛି। ସେହିପରି ଆଜି ଇଣ୍ଟରଲୋକ୍ୟୁଟାରୀ ଆପ୍ଲିକେସନ୍ ଦାଏର କରି ଟ୍ରିବ୍ୟୁନାଲ୍ ଗଠନ ଦାବି ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ଛତିଶଗଡ଼ର ବେଆଇନ ନିର୍ମାଣ ଉପରେ କଟକଣା ଜାରି ପାଇଁ ଓଡ଼ିଶା ସରକାର ଅନୁରୋଧ କରିଛନ୍ତି।

## ଫେଲ୍ ମାରୁଛି ଶିକ୍ଷା ବ୍ୟବସ୍ଥା



**ରାୟଗଡ଼ା, (ଇଏନ୍‌ଏସ୍) :** କଲ୍ୟାଣସିଂହପୁର ବ୍ଲକର ଧାମୁଣିପଙ୍ଗା ପଞ୍ଚାୟତରେ ଥିବା କତାଗୁଡା ଉଚ୍ଚବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ବୁଡି ରହିଛି। ୧୯୫୭ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟର ପୂର୍ବରୁ ବହୁ ସୁନାମ ଥିଲେ ବି ସମ୍ପ୍ରତି ଏଠାରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ସୂଚନାଯୋଗ୍ୟ, ପ୍ରଥମେ ଏକ ପ୍ରାଥମିକ ବିଦ୍ୟାଳୟ ଭାବେ ଏହା ପ୍ରତିଷ୍ଠା ହୋଇଥିଲେ ବି ପରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇଥିଲା। ଏଠାରେ ଏବେ ୧୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ମାତ୍ର ୪ଟି ଶ୍ରେଣୀଗୃହ ଥିବାରୁ ପାଠପଢ଼ାରେ ଯଥେଷ୍ଟ ବ୍ୟାଘାତ ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ୮ମ ଶ୍ରେଣୀ ପିଲାଙ୍କ ନିମନ୍ତେ ମାତ୍ର ଦୁଇଜଣ ଶିକ୍ଷକ ଥିବା ବେଳେ ନବମ ଓ ଦଶମ ଶ୍ରେଣୀ ନିମନ୍ତେ ମଧ୍ୟ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ତେଣୁ ଶ୍ରେଣୀଗୃହ ଅଭାବ ଓ ଶିକ୍ଷକ ଅଭାବରୁ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି।

## ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥା

# ପରାମର୍ଶ ଦେବ ଜର୍ମାନ୍ ସଂସ୍ଥା

**ଭୁବନେଶ୍ୱର :** ଏବ ଭୁବନେଶ୍ୱରକୁ ଘାରିଛି ବାୟୁ ପ୍ରଦୂଷଣ ଚିନ୍ତା। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ହେବ ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥା। ଏଥିପାଇଁ ବିଡିଏ ଓ ଜର୍ମାନୀ ସଂସ୍ଥା ଜିଆଇଜେଡ୍ ମଧ୍ୟରେ ନୂଆଦିଲ୍ଲୀରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରାଳୟର ମନ୍ତ୍ରୀ ଓ ଜର୍ମାନୀ ରାଷ୍ଟ୍ରଦୂତଙ୍କ ଉପସ୍ଥିତିରେ ବିଡିଏ ତରଫରୁ ସୁଧୀରଂଜନ ମହାନ୍ତି ଏବଂ ଜିଆଇଜେଡ୍‌ର ପ୍ରତିନିଧି ମଧ୍ୟରେ ଏହି ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଭବିଷ୍ୟତରେ ଭୁବନେଶ୍ୱର ସହିତ କଟକ, ପୁରୀ ଭଳି ନିକଟତର ସହରଗୁଡ଼ିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜର୍ମାନ-ଫ୍ରାନ୍ସ ମିଳିତ ପ୍ରକଳ୍ପ 'ମୋବିଲାଇଜ୍ ୟୋର୍ ସିଟି' ନାମକ ପ୍ରକଳ୍ପ ଅଧୀନରେ କଟକ-ଭୁବନେଶ୍ୱର-ପୁରୀକୁ ନେଇ 'ମେଟ୍ରୋପଲିଟାନ୍ ଟ୍ରାନ୍‌ପୋର୍ଟ୍ ଅଥରିଟି'ର ପରିକଳ୍ପନା କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଦୀର୍ଘସ୍ଥାୟୀ ପରିବହନ ଯୋଜନା ପ୍ରଣୟନ ଦିଗରେ ଏହି ସଂସ୍ଥା ବୈଷୟିକ ସହାୟତା ଯୋଗାଇ ଦେବ ବୋଲି ଜଣାପଡିଛି। ଏଥିପାଇଁ ଜିଆଇଜେଡ୍ ପକ୍ଷରୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରାମର୍ଶଦାତା ନିଯୁକ୍ତି ପାଇବେ। ଯାହାର ସମସ୍ତ ଦେୟ ବହନ କରିବ ସମ୍ପୃକ୍ତ ସଂସ୍ଥା। ଅନ୍ୟାନ୍ୟ ଦେଶରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ପରିବହନ ପ୍ରକଳ୍ପରୁ ଅନୁଭୂତି ଭୁବନେଶ୍ୱରରେ କିପରି ଉପଯୋଗ କରିହେବ, ସେଥିପାଇଁ ଇଣ୍ଟର୍ ସିଟି ଏକ୍‌ଚେଞ୍ଜ୍ କାର୍ଯ୍ୟକ୍ରମ ଆୟୋଜନ କରିବ ଏହି ସଂସ୍ଥା। ବର୍ତ୍ତମାନ ସ୍ମାର୍ଟସିଟି ମିଶନ ଓ ଅମୃତ ମିଶନ ଅଧୀନରେ ଜନପରିବହନ ସଂକ୍ରାନ୍ତ କେତେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ସ୍ମାର୍ଟସିଟି ପକ୍ଷରୁ ସ୍ମାର୍ଟ ଟ୍ରାନ୍‌ପୋର୍ଟ ଏବଂ ଇ-ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଜିଆଇଜେଡ୍ କୌଣସି ନୂତନ ପରିବହନ ନୀତି ଆଣିବା ପରିବର୍ତ୍ତେ ବିଏମ୍‌ସି-ବିଡିଏ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପକୁ ସଫଳ କରିବା ପାଇଁ ବୈଷୟିକ ପରାମର୍ଶ ଦେବ। ଏହି ଚୁକ୍ତିନାମା ଅନୁସାରେ ଜନପରିହନକୁ ସୁଗମ ଓ ଲୋକାଦୃତ କରାଇବା, ପରିବହନ ଜନିତ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ। ଏବେ ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭୁବନେଶ୍ୱରକୁ ବାୟୁ ପ୍ରଦୁଷଣଜନିତ ସମସ୍ୟାରୁ ମୁକ୍ତ କରିବା ନେଇ ସୁଦୂରପ୍ରସାରୀ ଯୋଜନାର ପରିକଳ୍ପନା କରାଯାଇଛି। ସେହିପରି ଆଇଟି ସହାୟତାରେ ସ୍ମାର୍ଟ ପରିବହନ ବ୍ୟବସ୍ଥାକୁ ନେଇ ରହିଥିବା ଯୋଜନାକୁ ସଫଳ କରିବା ପାଇଁ ପରାମର୍ଶ ଦେବ ଜିଆଇଜେଡ୍ ସଂସ୍ଥା। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଏବଂ ଜାତୀୟସ୍ତରରେ ଏକାଧିକ ଷ୍ଟିଅରିଂ କମିଟି ଗଠନ ହେବ। ଯେଉଁଥିରେ ବିଡିଏ, ବିଏମ୍‌ସି ଏବଂ ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଅର୍ନ୍ତଭୁକ୍ତ ହେବେ।

# ନବୀନଙ୍କ କଥାରେ ଏକମତ ନୁହନ୍ତି ଦାମ

**ଭୁବନେଶ୍ୱର :** ଜୟୀ ରାଜଗୁରୁଙ୍କୁ ସ୍ୱାଧିନତା ସଂଗ୍ରାମୀ ମାନ୍ୟତା ପ୍ରସଙ୍ଗରେ ଦେଖା ଦେଇଛି ବିବାଦ। ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କୁ ସ୍ୱାଧିନତା ସଂଗ୍ରାମର ପ୍ରଥମ ଓଡ଼ିଆ ସହିଦ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ କୃଷି ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ କିନ୍ତୁ ଭିନ୍ନମତ ପୋଷଣ କରିଛନ୍ତି। ସେ ଜୟୀ ରାଜଗୁରୁଙ୍କୁ ସ୍ୱାଧିନତା ସଂଗ୍ରାମୀ ବୋଲି ବିଲ୍‌କୁଲ୍ ମାନିବେ ନାହିଁ ବୋଲି ଡ. ରାଉତ ସ୍ପଷ୍ଟ କରିଛନ୍ତି। ଜୟୀ ରାଜଗୁରୁ ସ୍ୱାଧିନତା ସଂଗ୍ରାମୀ ନୁହଁନ୍ତି ବୋଲି କହି ପୂର୍ବରୁ ମନ୍ତ୍ରୀ ଡାକ୍ତର ରାଉତ ନୂଆ ବିବାଦ ସୃଷ୍ଟି କରିଥିଲେ। ତେବେ ସେବେଠାରୁ ସରକାର କିମ୍ବା ବିଜେଡି ପକ୍ଷରୁ ଜୟୀ ରାଜଗୁରୁଙ୍କ ସମ୍ପର୍କରେ ସ୍ପଷ୍ଟ ଆଭିମୁଖ୍ୟ ରଖାଯାଇନଥିବାବେଳେ ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ସ୍ପଷ୍ଟ ମତ ରଖିଛନ୍ତି। ଆଜି ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମହାନ ବିପ୍ଳବୀ ତଥା ସ୍ୱାଧିନତା ସଂଗ୍ରାମୀ ସହିଦ ଜୟୀ ରାଜଗୁରୁଙ୍କୁ ଜଣେ ନିର୍ଭୀକ ଦେଶଭକ୍ତ ଯିଏ ନିଜର ମାତୃଭୂମି ପାଇଁ ଜୀବନ ଦେବା ସହ ଦେଶବାସୀଙ୍କ ହୃଦୟରେ ସବୁଦିନ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍‌ରେ ଦର୍ଶାଇଛନ୍ତି। ତେବେ ଏହା ଉପରେ ପ୍ରତିକ୍ରିୟା ଦେଇ କୃଷି ମନ୍ତ୍ରୀ ଡାକ୍ତର ରାଉତ କହିଛନ୍ତି ଯେ, ଜୟୀ ରାଜଗୁରୁଙ୍କୁ ସିଏ ସ୍ୱାଧିନତା ସଂଗ୍ରାମୀ ବୋଲି ଆଦୌ ମାନିବେ ନାହିଁ। ସେ ଇତିହାସକୁ ବଦଳାଇ ପାରିବେ ନାହିଁ। ଐତିହାସିକଙ୍କ ଦ୍ୱାରା ଲିଖିତ ଓ ୧୯୪୮ ମସିହାରେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏକ ପୁସ୍ତକରେ ସ୍ପଷ୍ଟ ଭାବେ ଲେଖାଅଛି ଯେ ଜୟୀ ରାଜଗୁରୁ ସ୍ୱାଧିନତା ସଂଗ୍ରାମୀ ନଥିଲେ। ଯେହେତୁ ଏପର୍ଯ୍ୟନ୍ତ ଉକ୍ତ ପୁସ୍ତକରେ ଥିବା ତଥ୍ୟକୁ କେହି ଭୁଲ୍ ବୋଲି ପ୍ରମାଣିତ କରିନାହାନ୍ତି, ଡଃ ବି.ସି.ରାୟ ଓ ଅନ୍ୟ ବିଶିଷ୍ଟ ଐତିହାସିକମାନେ ଯାହା କହିଛନ୍ତି ସେହି ଆଧାରରେ ସିଏ ଏହା କହୁଛନ୍ତି। ମୁଖ୍ୟମନ୍ତ୍ରୀ କ'ଣ କହିଛନ୍ତି ତା' ଉପରେ ସିଏ ପ୍ରତିକ୍ରିୟା ଦେବାକୁ ମନା କରି କହିଥିଲେ ଯେ, କାହାର କ୍ରିୟାର ପ୍ରତିକ୍ରିୟା ଦେବାକୁ ସିଏ ଚାହାଁନ୍ତି ନାହିଁ। ତେଣୁ ସେ ପୁସ୍ତକର ତଥ୍ୟକୁ ହିଁ ମାନିବେ। ଏଥିସହ ଡ. ରାଉତ କ୍ଷୋଭର ସହ କହିଥିଲେ ଯେ, ଓଡ଼ିଶାର ପାଣିପବନରେ ସେ ବଢ଼ିଛନ୍ତି ଏବଂ ତାଙ୍କ ଘର ହେଉଛି କୁଜଙ୍ଗ। ଯେଉଁଠିକି ମରଠା ଯାଇନାହାନ୍ତି, ମୋଗଲ ଯାଇନାହାନ୍ତି। ସେଠାକୁ ବ୍ରିଟିଶ ସରକାର ୨୦୦ବର୍ଷ ପରେ ଯାଇଛନ୍ତି। ଐତିହାସିକମାନେ ଯାହା କହିଛନ୍ତି ଓ ପୁସ୍ତକ ଲେଖିଛନ୍ତି, ତାକୁ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହେବା ପରେ ଯେଉଁ ପୁସ୍ତକୁ ଗ୍ରହଣ କରିଥିଲେ ସେହି ଆଧାରରେ ସିଏ ଏହି ମତ ଦେଉଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଡାକ୍ତର ରାଉତ ପୂର୍ବରୁ ଜୟୀ ରାଜଗୁରୁଙ୍କୁ ସ୍ୱାଧିନତା ସଂଗ୍ରାମୀ ନୁହେଁ ବୋଲି କହିବା ପରେ ଚାରିଆଡୁ ବିବାଦ ଉଠିଥିଲା। ସବୁ ମହଲରୁ ତାଙ୍କୁ ସମାଲୋଚନା କରାଯାଇଥିଲା। ଏପରିକି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ ଡାକ୍ତର ରାଉତଙ୍କ ଏହି ବୟାନକୁ ଖାରଜ କରି କହିଥିଲେ ଯେ ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶଙ୍କ ବିରୋଧରେ ପ୍ରଥମ ଆନ୍ଦୋଳନ ହୋଇଥିଲା।

## ଜୟୀ ରାଜଗୁରୁଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା

# ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଖୋଲିବ ଅତ୍ୟାଧୁନିକ ରେଷ୍ଟୁରାଷ୍ଟ

**ଭୁବନେଶ୍ୱର :** ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଯାତ୍ରୀମାନଙ୍କୁ ଉନ୍ନତ ମାନର ଖାଦ୍ୟ ବ୍ୟବସ୍ଥା ଯୋଗାଇ ଦେବାକୁ ଏକ ଅତ୍ୟାଧୁନିକ ରେଷ୍ଟୁରାଣ୍ଟ୍ ଖୋଲିବାକୁ ଯାଉଛି। ଟର୍ମିନାଲ ନଂ-୧ରେ ୭୨୦ ବର୍ଗମିଟରର ଏହି ରେଷ୍ଟୁରାଣ୍ଟ୍ ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ବିନିଯୋଗ ହେବ।




ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ ଏଥିପାଇଁ ଟେଣ୍ଡର୍ ଆହ୍ୱାନ କରିଛନ୍ତି। ଏହି ନୂଆ ରେଷ୍ଟୁରାଣ୍ଟ୍‌ର ଉଭୟ ଦେଶୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ୍‌ର ଉନ୍ନତ ମାନର ଖାଦ୍ୟ ଉପଲବ୍ଧ ହେବ। ୭ ବର୍ଷ ପାଇଁ ଟେଣ୍ଡର୍ ହାସଲ କରିଥିବା ସଂସ୍ଥାକୁ ଏହି ରେଷ୍ଟୁରାଣ୍ଟ୍ ପାଇଁ ଉଦ୍ଦିଷ୍ଟ ଜାଗା ଲିଜ୍ ଦିଆଯିବ ଓ ଏଥିପାଇଁ ମାସିକ ୨୩ଲକ୍ଷ ୩୧ହଜାର ୧୭୪ ଟଙ୍କା ବିପିଆଇକୁ ଗ୍ୟାରେଣ୍ଟି ଭାବରେ ନିଆଯିବ। ଏହି ଅତ୍ୟାଧୁନିକ ରେଷ୍ଟୁରାଣ୍ଟ୍ ବିମାନ ଯାତ୍ରୀଙ୍କୁ ଅନ୍ତର୍ଜାତୀୟ ମାନର ସେବା ଯୋଗାଇବ ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ଏଥିସହିତ ନୂଆ ଡୋମେଷ୍ଟିକ୍ ଟର୍ମିନାଲ୍ ବିଲ୍ଡିଂରେ ୮ଟି ଭେଣ୍ଡିଂ ମେସିନ୍ ମଧ୍ୟ ଲଗାଯିବ। ଉଭୟ ଘରୋଇ ଓ ବିଦେଶୀ ଯାତ୍ରୀଙ୍କୁ ଏୟାରପୋର୍ଟରେ ଉପଯୁକ୍ତ ଅତ୍ୟାଧୁନିକ ସେବା ଯୋଗାଇ ଦେବାକୁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଲକ୍ଷ୍ୟ ରହିଥିବା ଶ୍ରୀ ହୋତା କହିଛନ୍ତି।

# ପର୍ଯ୍ୟଟକଙ୍କୁ ଠକୁଥିବା ବେପାରୀଙ୍କୁ ଗିରଫ କରାଯିବ !

**ପୁରୀ :** ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ବିଭିନ୍ନ ଉପାୟରେ ଠକାମିର ଶିକାର ହେଉଥିବା ଜଣାପଡିଛି। ଠକାମିରେ ପଡ଼ିଥିବା ଜାଣିବା ପରେ ଏ ସଂକ୍ରାନ୍ତରେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଦ୍ୱାରସ୍ଥ ହେଉଛନ୍ତି। ଫଳରେ ଏହାକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି। ବେଳାଭୂମି ଓ ଚିଲିକାରେ ପର୍ଯ୍ୟଟକମାନେ ଠକାମିରେ ନପଡ଼ିବା ପାଇଁ ସଚେତନତା ସୃଷ୍ଟି କରାଯିବ। ପୁରୀଠାରୁ ସାତପଡ଼ା ମଧ୍ୟରେ ୩୦ଟି ହୋର୍ଡିଂ ଲଗାଯିବ। ଏହି ହୋର୍ଡିଂମାନଙ୍କରେ ଚିଲିକାରେ ବିଚରଣ କରୁଥିବା ଡଙ୍ଗାଗୁଡ଼ିକର ଦର ତାଲିକା ସହିତ ଶଙ୍ଖ ଓ ମାଳି ବିକ୍ରୟ କରୁଥିବା ନକଲି ବେପାରୀଙ୍କ ପ୍ରତି ସାବଧାନ ରହିବା ପାଇଁ ଉଲ୍ଲେଖ ରହିବ। ବେଳାଭୂମି ଓ ଚିଲିକାରେ ନକଲି ଶଙ୍ଖ ଓ ମୁକ୍ତାମାଳି ବିକ୍ରୟ କରୁଥିବା ବେପାରୀମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏହି ନକଲି ସାମଗ୍ରୀ ପୁରୀକୁ ଆଣି ଖୁଚୁରା ବେପାରୀମାନଙ୍କ ଜରିଆରେ ପର୍ଯ୍ୟଟକମାନଙ୍କୁ ଠକୁଥିବା ବଡ଼ ବ୍ୟବସାୟୀମାନଙ୍କୁ ଗିରଫ କରାଯିବା ପାଇଁ ସାମାଜିକ କର୍ମୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପୁରୀ ସମୁଦ୍ରକୂଳ ଓ ସାତପଡ଼ାର ଚିଲିକା କୂଳରେ ଅଭିନବ ଉପାୟରେ ପର୍ଯ୍ୟଟକମାନେ ଠକାମିର ଶିକାର ହେଉଛନ୍ତି। ସେମାନଙ୍କଠାରୁ ହଜାର ହଜାର ଟଙ୍କା ଠକି ନିଆଯାଉଛି। ଅସଲି ଶଙ୍ଖ ଓ ମୁକ୍ତାନାମରେ ପର୍ଯ୍ୟଟକମାନଙ୍କୁ ଭୂଡେଇ ଚଢ଼ା ଦରରେ ବିକ୍ରୟ କରାଯାଉଛି ନକଲି ଶଙ୍ଖ ଓ ମୁକ୍ତା। ପର୍ଯ୍ୟଟକମାନେ ଅସଲି ଓ ନକଲିର ପ୍ରଭେଦ ଜଣିନପାରି ବାରମ୍ବାର ଠକେଇର ଶିକାର ହେଉଛନ୍ତି। ପୁରୀ ସମୁଦ୍ରକୂଳରେ ଅଭିନବ ଉପାୟରେ ନକଲିକୁ ଅସଲି ଦର୍ଶାଇ ପର୍ଯ୍ୟଟକମାନଙ୍କୁ ଠକୁଛନ୍ତି କେତେକ ତେଲୁଗୁ ଯୁବକ। ଜାଲରେ ଶଙ୍ଖ ଓ ଶାମୁକାକୁ ଭର୍ତ୍ତିକରି ମାଛ ମାରୁଥିବା ମତ୍ସ୍ୟଜୀବୀମାନଙ୍କ ଡଙ୍ଗାରେ ସମୁଦ୍ର ଭିତରେ ପକାଇ ଦିଆଯାଉଛି। ପର୍ଯ୍ୟଟକମାନଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ଦଉଡ଼ି ସାହାଯ୍ୟରେ ଜାଲକୁ ଟାଣି ଟାଣି ଅଣାଯାଉଛି କୂଳକୁ। କୂଳରେ ପହଞ୍ଚିବା ପରେ କୂଳରେ ରୁଣ୍ଡ ହୋଇଥିବା ପର୍ଯ୍ୟଟକମାନଙ୍କୁ ଧାରଣା ଦିଆଯାଉଛି ସମୁଦ୍ରରୁ ସଂଗ୍ରହ କରାଗଲା ଶଙ୍ଖ ଓ ଶାମୁକା। ଫଳରେ ପର୍ଯ୍ୟଟକମାନଙ୍କ ସରଳ ବିଶ୍ୱାସର ଫାଇଦା ଉଠାଉଛନ୍ତି ଏହି ଦଲାଲମାନେ। ଅଧିକ ଦାମରେ ଶଙ୍ଖ ଓ ତଥାକଥିତ ମୁକ୍ତା ବିକ୍ରୟ କରୁଛନ୍ତି। ପ୍ଲାଷ୍ଟିକ୍ ଶାମୁକା ଭିତରେ ଅଠା ଲଗାଇ ପୂର୍ବରୁ ରଖାଯାଉଛି ନକଲି ମୁକ୍ତା ଏବଂ କେତେକ ନାଲିନେଳି ପଥର। ସମୁଦ୍ର ଭିତରୁ ବାହାରିଥିବା ବିଶ୍ୱାସ କରି ପର୍ଯ୍ୟଟକମାନେ ଏହି ନକଲି ଶଙ୍ଖ ଓ ମୁକ୍ତାକୁ ଖରିଦ କରି ନେଉଛନ୍ତି। ଏହି ପଦାର୍ଥର କୌଣସି ନିର୍ଦ୍ଦିଷ୍ଟ ଦର ନାହିଁ। ବିକ୍ରେତାମାନେ କ୍ରେତାର ଆଚାର ବ୍ୟବହାରକୁ ନେଇ ଠକି ନେଉଛନ୍ତି ହଜାର ହଜାର ଟଙ୍କା। ଶେଷରେ କ୍ରେତାମାନେ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଠକିଥିବା ଲୋକକୁ ଚିହ୍ନଟ କରିପାରୁନଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନାହିଁ। ମାଛଧରା ଡଙ୍ଗାମାନଙ୍କରେ ସମୁଦ୍ରରୁ ଧରାଯାଇଥିବା ମାଛ ସହିତ ଜାଲରେ ଗୁଡ଼ାଯାଇଥିବା ନକଲି ଶଙ୍ଖ ଓ ଶାମୁକା ଅଣାଯାଇ ପର୍ଯ୍ୟଟକଙ୍କୁ ବିକ୍ରି କରାଯାଉଥିବା ଦେଖାଯାଉଛି। ସାତପଡ଼ା ଚିଲିକା କୂଳରେ ମଧ ଅନୁରୂପ ଉପାୟରେ ଚାଲିଛି ଠକେଇ। ଚିଲିକା ହ୍ରଦରୁ ଶଙ୍ଖ ଓ ମୁକ୍ତା ସଂଗ୍ରହ କରାଯାଇଥିବା ଦର୍ଶାଇ କିଛି ଲୋକ ପର୍ଯ୍ୟଟକମାନଙ୍କୁ ଠକୁଛନ୍ତି। ଶଙ୍ଖ ଓ ମୁକ୍ତାରେ ଠକେଇ ଭଳି ଚିଲିକାରେ ଡଙ୍ଗାବାଲାମାନେ ପର୍ଯ୍ୟଟକମାନଙ୍କୁ ଶୋଷଣ କରୁଛନ୍ତି। ମନଇଚ୍ଛା ଡଙ୍ଗାଭଡ଼ା ନିଆଯାଉଛି। ତେଣୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ ହୋଇଛି।

## ବିପଦରେ ଆପ୍ରୋଚ ରୋଡ୍

**ରାୟଗଡ଼, (ଇଏନ୍‌ଏସ୍) :** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନରେ ଥିବା ଚାଟିକଣା ସ୍ଥିତ ଗଦଗଦ। ଜଳପ୍ରପାତକୁ ଯିବା ପାଇଁ ଆପ୍ରୋଚ ରୋଡ



ବିପଦ ପାଲଟିଛି। ଏହି ଜଳପ୍ରପାତ ପାର୍ଶ୍ୱରେ ଥିବା ପାତାଳେଶ୍ୱର ମନ୍ଦିର ପ୍ରାଙ୍ଗଣ ଏବଂ ଏହାକୁ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ୍ କଲଭର୍ଟ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଥିବାରୁ ତା' ଉପରେ ଯାତାୟତ କରିବା ବିପଦପୂର୍ଣ୍ଣ ହୋଇଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି ନ ହେବାରୁ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଝୁଲନ୍ତା ଅବସ୍ଥାରେ ରହିଛି। ଯାହା ଜଣାପଡେ ପର୍ଯ୍ୟଟନ ବିଭାଗ ତରଫରୁ ଏହାର ମରାମତି ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯାଇଛି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହି କଲଭର୍ଟର ମରାମତି କାର୍ଯ୍ୟ ହେଉନାହିଁ। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦେଲେ ଭବିଷ୍ୟତରେ ନିଶ୍ଚୟ ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଇଛି।

# ଶାନ୍ତିପଲ୍ଲୀ ବସ୍ତିବାସିନ୍ଦାଙ୍କୁ ମିଳିବ ଜମି ଓ ଘର ମାଲିକାନା

**ଭୁବନେଶ୍ୱର :** ଦୀର୍ଘଦିନ ଧରି ଦାବି କରି ଆସୁଥିବା ବସ୍ତି ବାସିନ୍ଦାଙ୍କ ଆଗରେ ଶେଷରେ ମୁଣ୍ଡ ନୁଆଇଁଛି ବିଏମ୍‌ସି। ଶାନ୍ତିପଲ୍ଲୀ ବସ୍ତି ବାସିନ୍ଦାଙ୍କୁ ଜମି ଓ ଘର ମିଳିବ ବୋଲି କହିଛି ବିଏମ୍‌ସି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ବିଏମ୍‌ସି ମେୟର୍ ଅନନ୍ତ ନାରାୟଣ ଜେନା। ବିଏମ୍‌ସି ଓ ବିଡିଏର ମିଳିତ ସାମ୍ବାଦିକ ସମ୍ମିଳନୀରେ ମେୟର୍ ଶ୍ରୀ ଜେନା କହିଛନ୍ତି ଯେ, କିଛି ବସ୍ତି ବାସିନ୍ଦା ଓ ବସ୍ତି ବାହାରରଲୋକ ପ୍ରକଳ୍ପ ସଂକ୍ରାନ୍ତରେ ପ୍ରକୃତ ତଥ୍ୟ ନଜାଣି ଲୋକଙ୍କୁ ବିଭ୍ରାନ୍ତିକର କଥା କହୁଛନ୍ତି। ଏହି ପ୍ରକଳ୍ପ ରାଜ୍ୟର ଏକ ଦୃଷ୍ଟାନ୍ତମୂଳକ ପ୍ରକଳ୍ପ ହେବ। ଏଥିରେ କୌଣସି ପ୍ରକାରରେ ବସ୍ତି ଲୋକଙ୍କୁ ଅନ୍ୟ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି ସେ କହିଛନ୍ତି। ଏହା ଏକ ବସ୍ତି ପୁନର୍ବିକାଶ ପ୍ରକଳ୍ପ, ଯେଉଁଥିରେ ବସ୍ତି ବାସିନ୍ଦାଙ୍କୁ ସେମାନଙ୍କ ଅଞ୍ଚଳରେ ହିଁ ଥଇଥାନ କରାଯିବ। ଏଥିପାଇଁ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ବସ୍ତିର ହଜାର ହଜାର ବାସିନ୍ଦା ରାଜି ହୋଇଥିଲେ ଯେ, ସେମାନେ ଏହି ପ୍ରକଳ୍ପକୁ ସମସ୍ତ ସହଯୋଗ କରିବେ। ମାତ୍ର କେତେଜଣ ବସ୍ତି ବାସିନ୍ଦା ପ୍ରକଳ୍ପ ସଂକ୍ରାନ୍ତରେ ପ୍ରକୃତ ତଥ୍ୟ ନଜାଣି ଲୋକଙ୍କୁ ବିଭ୍ରାନ୍ତ କରୁଥିବା ନଜରକୁ ଆସିଛି। ଲୋକଙ୍କୁ ସ୍ଥାନାନ୍ତର ହେବା ପାଇଁ ଟ୍ରାନ୍‌ଜିଟ୍ ଘର ଅଥବା ଭଡ଼ା ସୂତ୍ରରେ ଘର ପ୍ରଦାନ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯିବା ପୂର୍ବରୁ ସେମାନଙ୍କୁ ପ୍ରୋଭିଜନାଲ୍ ଆଲଟ୍‌ମେଣ୍ଟ୍ ଲେଟର୍ ପ୍ରଦାନ କରାଯିବ। ସପ୍ତାହକ ମଧ୍ୟରେ ବିଡିଏର ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ସମସ୍ତ ମାପଚୁପ କାର୍ଯ୍ୟ ଆରମ୍ଭ କରିବେ। ସମସ୍ତ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାଙ୍କୁ ସୁହାଇବା ଭଳି ଏବଂ ସେମାନଙ୍କ ସହଯୋଗ ଓ ମତାମତ ନେଇ କାର୍ଯ୍ୟ କରାଯିବ ବୋଲି ମେୟର ଶ୍ରୀ ଜେନା କହିଛନ୍ତି। ଅନ୍ୟପକ୍ଷରେ ଶାନ୍ତିପଲ୍ଲୀ ବସ୍ତିବାସିନ୍ଦାଙ୍କ ତରଫରୁ ମଧ୍ୟ ଆଜି ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଏଥିରେ ତୁରନ୍ତ ଜମି ପଟ୍ଟା ପ୍ରଦାନ ସହ ସ୍ଥାୟୀ ବସତି ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଶାନ୍ତିପଲ୍ଲୀ ବସ୍ତି, ସହିଦ ନଗର ବସ୍ତି, ବସ୍ତି ଉନ୍ନୟନ କମିଟି ଏବଂ ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦ ତରଫରୁ ମିଳିତ ଭାବେ ଆୟୋଜିତ କରାଯାଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ବସ୍ତିବାସିନ୍ଦାମାନେ ଅଭିଯୋଗ କହିଛନ୍ତି ଯେ ରାଜ୍ୟ ସରକାର କର୍ପୋରେଟ୍ ସଂସ୍ଥାମାନଙ୍କୁ ମୂଲ୍ୟବାନ ଜମି ଯୋଗାଇ ଦେବା ପାଇଁ ବସ୍ତିବାସିନ୍ଦାମାନଙ୍କୁ ଉଚ୍ଛେଦ କରିବାକୁ ଲାଗିପଡ଼ିଛନ୍ତି। ଜମି ପଟ୍ଟା ନମିଳିଲେ ବସ୍ତି ଛାଡ଼ିବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନାଥାଉ କି, ସମୁଦାୟ ୧୯ ଏକର ଜାଗାରେ ହେବାକୁ ଥିବା ଏହି ଯୋଜନାରେ ୨୨୦୦ଟି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଘର ତିଆରି କରାଯିବ। ଏଥିରେ ହିତାଧିକାରୀଙ୍କୁ କେବଳ ଏକ ଲକ୍ଷ କୋଡିଏ ହଜାର ଟଙ୍କା ଦେବାକୁ ପଡ଼ିବ। ଏଥିପାଇଁ ବ୍ୟାଙ୍କରୁ ମଧ ସହଜ ଏବଂ କମ୍ ସୁଧରେ ଋଣ ମିଳିବା ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ପାଇଁ ୯୦ କୋଟି ୨୨ ଲକ୍ଷ ଟଙ୍କା ଏବଂ ଇପିସି ମୋଡ୍‌ରେ ୫୯.୩୫ କୋଟି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପକୁ ୩୦ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ..

## ଆଶା, ଆଶଙ୍କାରେ ମହାନଦୀ

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀକୁ ନେଇ ଏବେ ଯେଉଁଳି ବିବାଦ ଦେଖାଦେଉଛି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ପ୍ରଶାସନିକ ଉଦାସୀନତା ହେଉ କି ରାଜ୍ୟବାସୀଙ୍କ ସଚେତନତା ଅଭାବରୁ ମହାନଦୀର ଉପରମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ରୋକି ଚାଲିଥିବା ଜଣାପଡିଛି। ଏହାକୁ ନେଇ ଶାସକ ବିଜୁ ଜନତା ଦଳ ଏକୁଟିଆ ସଂଗ୍ରାମ କରୁଥିବା ବେଳେ ଏଥିରେ ଏବେ ବିରୋଧୀ ଦଳମାନେ ସାମିଲ ହେବେ ବୋଲି ସୂଚନା ମିଳିଛି। ରାଜ୍ୟର ସ୍ୱାର୍ଥ ପାଇଁ ସବୁ ଦଳ ଏକାଠି ହୋଇ ସଂଗ୍ରାମ କରିବା ଭଳି ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ। କାରଣ ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂ ସୀକରୀଙ୍କ ମନମାନୀ ବିରୁଦ୍ଧରେ ଓଡ଼ିଶାବାସୀ ଏଭଳି କିଛି ଆଖିଦୃଶିଆ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜ୍ୟର ବହୁ ଜିଲ୍ଲାରେ ଉତ୍କଟ ଜଳାଭାବ ଦେଖାଯିବ। ଏଥିସହ ପଶ୍ଚିମ ଓଡ଼ିଶା ସମେତ ମହାନଦୀ ଅବବାହିକାର ଅନେକ ଜିଲ୍ଲାରେ କୃଷି ମଧ୍ୟ ପ୍ରଭାବିତ ହେବ। ମହାନଦୀରେ ଜଳପ୍ରବାହ କମିଲେ ଜଳସଙ୍କଟ ସହ ଖାଦ୍ୟ ସମସ୍ୟା ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ମଧ୍ୟ ରହିଛି।

ମହାନଦୀ ପ୍ରସଙ୍ଗରେ ଢେର ଦିନ ହେବ ବିଜେଡି ଆନ୍ଦୋଳନ ଚଳାଇଥିଲେ ବି ଏଥିରୁ କୌଣସି ସୁଫଳ ମିଳିନାହିଁ। ଫଳରେ ମହାନଦୀ ମାମଲାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ସହ ଆଇନାନୁମୋଦିତ ନିଷ୍ପତ୍ତି ହେଉଛି ଏକମାତ୍ର ପନ୍ଥା। ଯେହେତୁ ମହାନଦୀ ବିବାଦର ସମାଧାନ ପାଇଁ ଆଇନ୍ ଅନୁସାରେ ଏକ ଟ୍ରିବ୍ୟୁନାଲର ଆବଶ୍ୟକତା ଥିବା ବିଷୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଜଣାଇଥିଲେ। ହେଲେ କେନ୍ଦ୍ର ସରକାର ଓଡ଼ିଶାର ଦାବି ପ୍ରତି ଗୁରୁତ୍ୱ ନ ଦେଇ ଏହାକୁ ଉପେକ୍ଷା କରି ଛତିଶଗଡ଼ ସରକାରଙ୍କ ପକ୍ଷ ନେଉଥିବା ଭଳି ଜଣାପଡିବା ପରେ ଚାରିଆଡେ ଏଥିପାଇଁ ବିଦ୍ରୋହର ସ୍ୱର ଉଠୁଛି। ଯଦିଓ ପୂର୍ବରୁ ଟ୍ରିବ୍ୟୁନାଲ ବଦଳରେ ଏକ ବିଶେଷଜ୍ଞ କମିଟି ଗଠନ ମାଧ୍ୟମରେ ଏହି ବିବାଦର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲା କେନ୍ଦ୍ର ସରକାର। କିନ୍ତୁ କମିଟି ଗଠନ ବଦଳରେ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପାଇଁ ଦାବି ଉଠାଇଥିଲେ। ଟ୍ରିବ୍ୟୁନାଲ ଗଠନ ହୋଇଥିଲେ ଓଡ଼ିଶାକୁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି ସରକାରଙ୍କ ଧାରଣା ରହିଛି। କାରଣ ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ବ୍ୟାରେଜ ଯୋଗୁ ମହାନଦୀରେ ଜଳ ପ୍ରବାହ ସଠିକ୍ ହୋଇପାରିବ ଏବଂ ଓଡ଼ିଶାର କ୍ଷତି ହେବନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି। ଯଦିଓ ଏହି ପ୍ରସଙ୍ଗରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଶେଷଜ୍ଞ କମିଟି ଗଠନ କଥାରେ ହଁ ଭରିଥିଲେ ପରେ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେଣୁ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରିବାର ଦାବିକୁ ବାରମ୍ବାର ଦୋହରା ଯାଉଛି। ହେଲେ ଏ ପ୍ରସଙ୍ଗରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଟ୍ରିବ୍ୟୁନାଲ ଗଠନ କରିବାକୁ ମନା କରିଦେବା ପରେ ଓଡ଼ିଶା ବିଧାନସଭାରେ ଏଥିପାଇଁ ଝଡ ଉଠିଛି। ମହାନଦୀ ବିବାଦକୁ ନେଇ ବାରମ୍ବାର ଗୃହ ଅଚଳ ହେବା ସହିତ ମୁଲତବୀ ମଧ୍ୟ କରାଯାଇଛି। ଗୃହରେ ଅଚଳାବସ୍ଥା ହଟାଇବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲା। ଯେଉଁଥିରେ ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ରହିଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟର ସ୍ୱାର୍ଥ ପାଇଁ ବିଜେଡି ଅନ୍ୟ ଦଳର ନେତାଙ୍କ ସହ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବିଶେଷକରି ରାଜ୍ୟର ଚାଷୀଙ୍କ ଲାଗି ବିଜେଡି ଲଢ଼େଇ ଜାରି ରଖିବ ବୋଲି ସ୍ପଷ୍ଟ କରାଯାଇଥିଲା। ହେଲେ ବିଜେଡି ତରଫରୁ କେନ୍ଦ୍ର ସରକାରଙ୍କୁ କରାଯାଉଥିବା ଦୋଷାରୋପ ଉପରେ ମନ୍ତବ୍ୟ ରଖି ରାଜ୍ୟ ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, କେନ୍ଦ୍ର ଯେଉଁ ସତ୍ୟପାଠ ଦାଖଲ କରିଛି ସେଥିରେ ଟ୍ରିବ୍ୟୁନାଲ ଗଠନ ହେବନାହିଁ ବୋଲି କିଛି କୁହାଯାଇନି। ଆଇନ୍ ଅନୁସାରେ ଟ୍ରିବ୍ୟୁନାଲ ଗଠନ ହେବ। ଏଥିସହ ଶ୍ରୀ ସିଂହଦେଓ ଦାବି ଉଠାଇଥିଲେ ଯେ, ମୁଖ୍ୟମନ୍ତ୍ରୀ ଯେଉଁ ସର୍ବଦଳୀୟ ବୈଠକ ଡାକିବେ ସେଥିରେ ଓଡ଼ିଶାର ନାଗରିକ ସମାଜ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକୁ ସାମିଲ କରାଯାଉ। ଏହା ହୋଇପାରିଲେ ରାଜ୍ୟ ବିଜେପି ମହାନଦୀ ପ୍ରସଙ୍ଗରେ ବିଜେଡିକୁ ସମର୍ଥନ ଦେବ। କାରଣ ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେପି ସର୍ବଦା ପ୍ରସ୍ତୁତ ରହିଛି।

ମହାନଦୀ ପ୍ରସଙ୍ଗରେ ଗୃହ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯିବା ପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ସର୍ବସମ୍ମତି କ୍ରମେ ଯେଉଁ ନିଷ୍ପତ୍ତି ନିଆଯାଇଛି ସେହି ଅନୁସାରେ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିବେ। ସୁପ୍ରିମ୍‌କୋର୍ଟରେ ପରବର୍ତ୍ତୀ ତାରିଖ ପରେ କ'ଣ ପଦକ୍ଷେପ ନିଆଯାଇଛି ଜାଣିବା ପରେ ମୁଖ୍ୟମନ୍ତ୍ରୀ ବୈଠକ ଡାକିବେ ଏବଂ ଏହା ତାଙ୍କ ଉପରେ ଛାଡି ଦିଆଯାଇଛି। ତେବେ ମହାନଦୀ ବିବାଦ ସମାଧାନ ପାଇଁ ବିକଳ୍ପ ପନ୍ଥା ରହିଛି ବୋଲି ବିଭିନ୍ନ ସାମାଜିକ ସଂଗଠନ କହୁଛନ୍ତି। ଭିନ୍ନ ଭିନ୍ନ ନଦୀ ବିବାଦ ପାଇଁ ଭିନ୍ନ ଭିନ୍ନ ଟ୍ରିବ୍ୟୁନାଲ ଗଠନ ବଦଳରେ କେନ୍ଦ୍ର ସରକାର ଆଇନରେ ସଂଶୋଧନ କରନ୍ତୁ ବୋଲି କିଛି ଦାବି ମଧ୍ୟ ଉଠିଛି। କିନ୍ତୁ ଛତିଶଗଡ଼ ସରକାର ଯେଉଁଳି ଅବିଚାରିତ ଭାବେ ମହାନଦୀର ଉପର ମୁଣ୍ଡରେ ପ୍ରକଳ୍ପ ପରେ ପ୍ରକଳ୍ପ ଗଢ଼ି ଚାଲିଛନ୍ତି ଏହା ଓଡ଼ିଶା ପାଇଁ ବିପଦ ସାବ୍ୟସ୍ତ ହୋଇଛି। ସୂଚନାଯୋଗ୍ୟ, ଜୁଲାଇ ୩୧, ୨୦୧୭ରେ କେନ୍ଦ୍ର ସରକାରଙ୍କ ଜଳ ରାଜ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ଯେ, କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ମଧ୍ୟ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ନଦୀ ଜଳ ବିବାଦର ସମାଧାନ ହୋଇପାରିନାହିଁ। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ନିରପେକ୍ଷ ଭାବେ ଏହାର ବିଚାର କରି ଓଡ଼ିଶାର ସ୍ୱାର୍ଥକୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନିଅନ୍ତୁ। ଏକପାଖିଆ ନିଷ୍ପତ୍ତି ନେଇ କେବଳ ଛତିଶଗଡ଼କୁ ସୁରକ୍ଷା ଦେବାକୁ ଯାଇ ଅନ୍ୟଏକ ରାଜ୍ୟ ପ୍ରତି ଅବିଚାର କଲେ ଏହା ନିଶ୍ଚୟ ଏକ ଜନଆନ୍ଦୋଳନର ରୂପ ନେଇପାରେ। ନଦୀ ଜଳକୁ ନେଇ ଆନ୍ଦୋଳନ ତୀବ୍ରତର ହେଲେ ଏହାର କୁଫଳ କେନ୍ଦ୍ର ସରକାରଙ୍କୁ ଭୋଗିବାକୁ ପଡିବ। ତେଣୁ ମହାନଦୀକୁ ନେଇ ରାଜନୀତି କରିବା ଅପେକ୍ଷା ଏହାକୁ ଆନ୍ତରିକତାର ସହିତ ହୃଦୟଙ୍ଗମ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ହେଉଛି କେନ୍ଦ୍ରର ଦାୟିତ୍ୱ। ନିଜ ଦାୟିତ୍ୱରୁ ଓହରିଯାଇ କେନ୍ଦ୍ର ସରକାର ଏଭଳି କିଛି ନ କରନ୍ତୁ ଯାହାର ପ୍ରଭାବ ଆଗାମୀ ଦିନରେ ରାଜ୍ୟ ବିଜେପିକୁ ଭୋଗିବାକୁ ପଡିବ। ତେଣୁ ବେଳହୁଁ ସାବଧାନ ପରି କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କ ଦାବିର ଯଥାର୍ଥତାକୁ ନ୍ୟାୟୋଚିତ ଭାବେ ବିଚାର କରି ଟ୍ରିବ୍ୟୁନାଲ ଗଠନର ଆବଶ୍ୟକତା ପ୍ରତି ଧ୍ୟାନ ଦେବାକୁ ହେବ। ମହାନଦୀର ସ୍ୱାର୍ଥ ସୁରକ୍ଷା ନହୋଇପାରିଲେ ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ନିଶ୍ଚୟ ହଜିଯିବ। ଆହୁରି ମଧ୍ୟ ଏକ ସୂଚନାରୁ ଜଣାପଡିଛି ଯେ, ଛତିଶଗଡ଼ ସରକାର ୧୫ଶହ କୋଟିର 'ଚିରାଗ' ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏହାହେଲେ ମୌସୁମୀ ସମୟରେ ବି ହୀରାକୁଦ ଡ୍ୟାମକୁ ଆଉ ପାଣି ଆସିବନାହିଁ ବୋଲି ଆଶଙ୍କା ଦେଖାଦେଲାଣି।

# ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ଓ ସିଦ୍ଧାନ୍ତ ଦର୍ପଣ



ଅମିନୀଲୁ ରାୟ

୧୩ ଡିସେମ୍ବର, ୧୮୩୫ ମସିହାରେ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ଅବିଭକ୍ତ ନୟାଗଡର ଖଣ୍ଡପଡାରେ ଭୂମିଷ୍ଠ ହୋଇଥିଲେ। ପୁରା ନାମ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର। ସଂସ୍କୃତ ଭାଷାରେ ଲିଖିତ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ମହାନ୍ ଗ୍ରନ୍ଥ "ସିଦ୍ଧାନ୍ତ ଦର୍ପଣ" ପାଇଁ ୧୮୯୩ ରେ ବ୍ରିଟିଶ୍ ସରକାର ତାଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ। ତାଙ୍କର ଏହି ଅମ୍ଳାନ କୃତି ଯୋଗୁଁ ଆଜି ସାରା ଭାରତବର୍ଷରେ 'ଜ୍ୟୋତିଷ ବିଶାରଦ ଜୟନ୍ତୀ' ମହାସମାରୋହରେ ପାଳିତ ହେଉଅଛି।

"ସିଦ୍ଧାନ୍ତ ଦର୍ପଣ" ସମ୍ବନ୍ଧରେ ସ୍ୱନାମଧନ୍ୟ କବି କବିବର ରାଧାନାଥ ରାୟ ଯଥାର୍ଥରେ କହିଛନ୍ତି –

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ॥

ତେଣୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସାମନ୍ତ ଚନ୍ଦ୍ରଶେଖର ଭବିଷ୍ୟତରେ ଜଣେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ହେବେ, ତାହା ପିଲାଟି ଦିନରୁ ସୂଚନା ମିଳିଥିଲା। ଦୃଷ୍ଟାନ୍ତ ସ୍ୱରୂପ ଦିବା ଭାଗରେ ଛାଇ ମାପି ନିଶ୍ୱାସ ସଂଖ୍ୟା ଦ୍ୱାରା ଛାଇ ପରିବର୍ତ୍ତନର ସମୟ ନିରୂପଣ କରିବା, ଗଛର ଛାଇ ମାପି ମଧ୍ୟ ଦିବସର ବିଭିନ୍ନ ସମୟରେ ଛାଇର ସ୍ଥାନ ମନେ ରଖିବା, ଦିନରେ ଓ ରାତିରେ ଅଧିକାଂଶ ସମୟ ଆକାଶକୁ ଚାହିଁ ତାରାମାନଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ଇତ୍ୟାଦି ଥିଲା ତାଙ୍କର ମୁଖ୍ୟ କାମ ଯେମିତି। ପିଲାଦିନେ ମାତ୍ର ୫ ବର୍ଷ ବୟସରେ ଦିନ ବେଳା ଶୁକ୍ର ନକ୍ଷତ୍ରକୁ ଦେଖିବା, ୯ ବର୍ଷ ବେଳକୁ ଆକାଶରେ ଥିବା ନକ୍ଷତ୍ରମାନଙ୍କୁ ଚିହ୍ନିବା, ୧୦ ବର୍ଷରେ ସାମାନ୍ୟ ପଞ୍ଜିତ ଜ୍ୟୋତିଷଶାସ୍ତ୍ର ବିଷୟରେ ଅବଗତ ହେବା, ପଞ୍ଜିତ ଜ୍ୟୋତିଷ ଶାସ୍ତ୍ର ବିଷୟକ ବିଭିନ୍ନ ପ୍ରକାରର ଗ୍ରନ୍ଥ ଯଥା- ଦୀପିକା, ସିଦ୍ଧାର୍ଥ ଚିନ୍ତାମଣି, ବୃହଜ୍ଜାତକ, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳି ଦାସ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ ଇତ୍ୟାଦି ସେ ଶିକ୍ଷା କରିବାରେ ତାଙ୍କ ପିତାଙ୍କର ବିଶେଷ ଭୂମିକା ଥିଲା।

ପୁନଶ୍ଚ ୧୪ ବର୍ଷ ବୟସରେ ଗଣିତ ଓ ଜ୍ୟୋତିଷ ବିଦ୍ୟା ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିବା ଓ ୧୫ ବର୍ଷ ବେଳକୁ ଗଣିତ ଜ୍ୟୋତିଷରୁ ଗଣନା କରିବାର ପ୍ରଣାଳୀ ଜାଣିବା ଫଳରେ ସେ ରାତିରେ ନକ୍ଷତ୍ରମାନଙ୍କୁ ନିରୀକ୍ଷଣ କରି ଦେଖିଲେ - ଗଣିତ ଜ୍ୟୋତିଷ କ୍ଷେତ୍ରରେ ପୂର୍ବସୂରୀଗଣ ଯେଉଁ ସିଦ୍ଧାନ୍ତସବୁ ଲେଖିଯାଇଛନ୍ତି, ଠିକ୍ ସେହି ଭାବରେ ନକ୍ଷତ୍ରସବୁ ଦେଖାଯାଉ ନାହାନ୍ତି। ପୁନଶ୍ଚ ଗ୍ରହମାନେ ମଧ୍ୟ ନିଜ ନିଜ ସ୍ଥାନରେ ଦିଶୁ ନାହାନ୍ତି। ତେଣୁ ଶେଷରେ ସେ ରାତି ଅନିଦ୍ରା ହୋଇ, ନଭୋମଣ୍ଡଳକୁ ନିରୀକ୍ଷଣ କରି କରି ସେସବୁକୁ ଲେଖି, ୨୩ ବର୍ଷ ବୟସରେ ତାଙ୍କର ଅଭିଜ୍ଞତାଲବ୍ଧ ଜ୍ଞାନରାଶିକୁ ପ୍ରକାଶ କରିଥିଲେ ଗ୍ରନ୍ଥାକାରରେ। ଉକ୍ତ ଗ୍ରନ୍ଥର ନାମ "ସିଦ୍ଧାନ୍ତ ଦର୍ପଣ"।

ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ତାଙ୍କର ୫ ବର୍ଷ ବୟସରୁ। ୭ ବର୍ଷ ବେଳକୁ ସେ ଅକ୍ଷର ଶିକ୍ଷା, ପଣକିଆ ଓ ଅମରକୋଷ ଅଭିଧାନର ପ୍ରଥମ ୫ ସର୍ଗର ଅଧ୍ୟୟନ, ୧୫ ବର୍ଷ ବୟସରେ ରଘୁବଂଶ କୁମାର ସଂଭବ, ମେଘଦୂତ, ହଂସଦୂତ, ନୈଷଧ କାବ୍ୟ ଇତ୍ୟାଦି ପାଠ କରିବା, ଜୁମର ବ୍ୟାକରଣରୁ ସାତପାଦ ଓ ଶିଶୁପାଳ ବଧ କାବ୍ୟ ପଢି ଶେଷ କରିବା, ଗୁରୁଙ୍କ ବିନା ସାହାଯ୍ୟରେ ତଥା ନିଜର ପ୍ରବଳ ନିଷ୍ଠା ଓ ଉଦ୍ୟମରେ ସୁରଭି କାବ୍ୟ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁ ଗ୍ରନ୍ଥ ପଢିଥିଲେ। ପୁନଶ୍ଚ ସ୍ମୃତିଶାସ୍ତ୍ରରେ ପାଣ୍ଡିତ୍ୟାର୍ଜନ, ମନୁସଂହିତା, ପରାଶର ସଂହିତା, ଗଦାଧର ପଦ୍ଧତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର, ତିଗିରିଆ ଗଡ ପଣ୍ଡିତ ଭୁବନେଶ୍ୱର ବଡପଣ୍ଡାଙ୍କ ସାହାଯ୍ୟରେ ବିଦ୍ୱନ୍ମଜ ତରଙ୍ଗିଣୀ, ତର୍କ ସଂଗ୍ରହ ଓ ସାହିତ୍ୟ ଦର୍ପଣ ଇତ୍ୟାଦି ଅଧ୍ୟୟନ ସଂଗେ ସଂଗେ ବୈଦେହୀଶ ବିଳାଶ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚନ୍ଦ୍ରକଳା ପ୍ରଭୃତି ପାଠ କରିବା ଫଳରେ ସଂସ୍କୃତ ଓ ଓଡିଆ ସାହିତ୍ୟରେ ସେ ଜଣେ ଅସାଧାରଣ ପଣ୍ଡିତ ହୋଇ ଉଠିଥିଲେ। ତାଙ୍କୁ ଯେତେବେଳେ ୨୨ ବର୍ଷ ବୟସ, ସେତେବେଳେ ଅନୁଗୁଳ ରାଜବଂଶୀୟ ସୀତାଦେବୀଙ୍କର ପାଣି ଗ୍ରହଣ କରିଥିଲେ ସେ। ସେତେବେଳେ ଇଂରେଜ ଶାସନ ସମୟରେ ଓଡିଆଭାଷୀ ଦେଶୀୟ ରାଜ୍ୟଗୁଡିକ ମଧ୍ୟରେ ଖଣ୍ଡପଡା ଥିଲା ଏକ କ୍ଷୁଦ୍ର ଦେଶୀୟ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାରେ ଶାସନ କରୁଥିଲେ। ଖଣ୍ଡପଡା ରାଜାଙ୍କର ଜଣେ ରକ୍ତ ସଂପର୍କୀୟ ବ୍ୟକ୍ତିର ନାମ ଶ୍ୟାମବନ୍ଧୁ ସିଂହ। ସେ ଧରାକୋଟ୍ ରାଜାଙ୍କ ଝିଅ ବିଷ୍ଣୁମାଳାଙ୍କୁ ବିବାହ କରିଥିଲେ। ସାମନ୍ତ ଚନ୍ଦ୍ରଶେଖର ସିଂହ ହେଉଛନ୍ତି ଏହି ଦମ୍ପତିଙ୍କ ପୁତ୍ର। ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କର ୩ଟି ସନ୍ତାନଙ୍କ ମୃତ୍ୟୁ ହୋଇଥିବାରୁ ଲୋକାଚାର ଅନୁସାରେ ତାଙ୍କୁ "ପଠାଣି "ବୋଲି ଡାକ ନାମ ଦିଆଯାଇଥିଲା।

ଉତ୍କଳର ବରପୁତ୍ର ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ସାମାନ୍ୟ କେତେ ଖଣ୍ଡ ବାଉଁଶ କାଠି ସାହାଯ୍ୟରେ ଦୂର ଆକାଶର ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ନିରୂପଣ କରି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ବହୁ ଜଟିଳ ପ୍ରଶ୍ନର ମୀମାଂସା କରିଯାଇଛନ୍ତି। ଅତୀତ ଯୁଗର ଭାରତୀୟ ଜ୍ୟୋତିର୍ବିଜ୍ଞାନରେ କେତୋଟି ମୌଳିକ ତୃଟି ରହିଯାଇଥିବାରୁ ତାହାକୁ ଭିତିକରି ଗଣନା କରିବା ଦ୍ୱାରା ରଚିତ ହୋଇଆସୁଥିବା ହିନ୍ଦୁ ପଞ୍ଜିକା ବି ନିର୍ଭୁଲ ହୋଇପାରୁ ନଥିଲା। ତାଙ୍କର ଅକ୍ଲାନ୍ତ ଚେଷ୍ଟା ଓ ଆବିଷ୍କାର ଫଳରେ, ସିଦ୍ଧାନ୍ତ ଦର୍ପଣ ଅନୁସାରେ ଗଣନା କରାଯାଇଥିବା ପଞ୍ଜିକା ଆଜି ନିର୍ଭୁଲ ବୋଲି ପ୍ରମାଣିତ ହୋଇଛି।

ପୁନଶ୍ଚ ଚନ୍ଦ୍ରଶେଖରଙ୍କ ସବୁଠାରୁ ବଳି ଆବିଷ୍କାର ହେଉଛି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କର ମତ ଖଣ୍ଡନ କରି ସେ ପୃଥିବୀର ସ୍ଥିରତା ଓ ପୃଥିବୀର ଚତୁଃପାର୍ଶ୍ୱରେ ସୂର୍ଯ୍ୟଙ୍କର ଭ୍ରମଣ ପ୍ରମାଣ କରି ଯାଇଛନ୍ତି। ବନ ପର୍ବତ ପୂରିତ ଖଣ୍ଡପଡା ମୂଳକରେ ଜନ୍ମଲାଭ କରି, ଆଧୁନିକ ଶିକ୍ଷାଲୋକର ସମ୍ପର୍କରେ ନ ଆସି, ଅଳ୍ପ ବୟସରେ ମାତ୍ର ଅଳ୍ପ କେତେ ଖଣ୍ଡି ବାଉଁଶ କାଠି ସାହାଯ୍ୟରେ ସେ ବିଶ୍ୱର ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଯେମିତି ଚାଂଚଲ୍ୟ ସୃଷ୍ଟି କରିଛନ୍ତି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଓଡିଆରେ ଲିଖିତ ଦର୍ପଣ ସାର ଓ ସଂସ୍କୃତରେ ଲିଖିତ ଦର୍ଶଦୀପିକା ତାଙ୍କର ଦୁଇଟି ଅମୂଲ୍ୟ କୃତି। ଏହା ବ୍ୟତୀତ ବହୁ ଚର୍ଚ୍ଚିତ ସିଦ୍ଧାନ୍ତ ଦର୍ପଣ ହିଁ ତାଙ୍କର ସର୍ବଶ୍ରେଷ୍ଠ ଓ ସର୍ବବୃହତ ଗ୍ରନ୍ଥ।

୧୯୦୪ ମସିହାରେ ସ୍ୱର୍ଗାରୋହଣ କରିଥିଲେ ସେ। ଅଧୁନା ସେହି ମହାନ୍ ବ୍ୟକ୍ତିଙ୍କ ସ୍ମୃତିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୁରୀରେ "ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ" ଓ ଭୁବନେଶ୍ୱରରେ "ପଠାଣି ସାମନ୍ତ ପ୍ଲାନେଟୋରିୟମ", ପ୍ରତିଷ୍ଠିତ ହୋଇଅଛି।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ- ୯୯୩୭୪୧୨୫୧୫*

# ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଜୟୀ ରାଜଗୁରୁ



ଡକ୍ଟର ଧୀରେନ୍ଦ୍ର ନନ୍ଦ

ଓଡିଶାର ଇତିହାସକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରଥମ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ୧୫୬୮ ମସିହାରେ ଭୋଇ ରାଜବଂଶର ପ୍ରତିଷ୍ଠା ହୋଇଥିଲା, ଯିଏ କି ୧୫୭୦ ମସିହାରେ ଖୋର୍ଦ୍ଧାଗଡକୁ ରାଜଧାନୀ ରୂପେ ନିର୍ମାଣ କରିଥିଲେ। ଏହି ରାଜବଂଶରେ କ୍ରମାନ୍ୱୟରେ ୧୨ ଜଣ ରାଜା ଦୀର୍ଘ ୨୨୬ ବର୍ଷ ଧରି (୧୫୬୮-୧୮୦୪) ଶାସନ କରିଥିଲେ। ସେହି ସମୟରେ ପାରଳାଖେମୁଣ୍ଡିର ମହାରାଜା ଜଗନ୍ନାଥ ନାରାୟଣ ଦେବ ନିଜକୁ ଗଜପତି ବୋଲି ଅଭିହିତ କରି ଗଙ୍ଗ ରାଜବଂଶର ଦାୟାଦ ରୂପେ ଦାବୀ କରି ଆସୁଥିଲେ। ସେ ଯେତେବେଳେ ଖୋର୍ଦ୍ଧାଗଡକୁ ଆକ୍ରମଣ କରିଥିଲେ ସେତେବେଳେ ତତ୍କାଳୀନ ଖୋର୍ଦ୍ଧା ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କର ସାହାଯ୍ୟ ନେଇ ତାଙ୍କୁ ପ୍ରତିରୋଧ କରିଥିଲେ। ଏହାର ପ୍ରତି ବଦଳରେ ମରହଟ୍ଟାମାନେ ଏକ ଲକ୍ଷ ମୁଦ୍ରା ଦାବୀ କରିଥିଲେ। ଯୁଦ୍ଧ ପରେ ପାରଳାଖେମୁଣ୍ଡିର ରାଜା ପରାସ୍ତ ହୋଇଥିଲେ, କିନ୍ତୁ ଅର୍ଥନୈତିକ ସଙ୍କଟ କାରଣରୁ ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କର ସର୍ତ୍ତକୁ ରକ୍ଷା କରିପାରି ନଥିଲେ। ଫଳରେ ସେ ତାଙ୍କର ଶାସିତ ଚାରୋଟି ପ୍ରଗଣା ଯଥା ପୁରୀ ନିକଟସ୍ଥ ରାହାଙ୍ଗ, ବ୍ରହ୍ମଗିରି ନିକଟସ୍ଥ ଚବିଶକୁଦ, ସତ୍ୟବାଦୀ ନିକଟସ୍ଥ ସିରାଇ ଏବଂ ଡେଲାଙ୍ଗ ନିକଟସ୍ଥ ଲେମ୍ବାଇ ସବୁକୁ ମରହଟ୍ଟା ମାନଙ୍କୁ ଦେଇଦେଇଥିଲେ। ଏହି ଚାରୋଟି ପ୍ରଗଣା ରାଜାଙ୍କର ରାଜସ୍ୱ ଆଦାୟର ମୂଳାଧାର ଥିଲା, ଯାହାକି ଜଗନ୍ନାଥ ମନ୍ଦିରର ରକ୍ଷଣା ବେକ୍ଷଣା ଏବଂ ସମସ୍ତ କ୍ରିୟା ପଦ୍ଧତି ପାଇଁ ଖର୍ଚ୍ଚ କରାଯାଉଥିଲା। ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ସମୟରେ ଜୟୀ ରାଜଗୁରୁ ନିଜର ୪୧ ବର୍ଷ ବୟସରେ (୧୭୩୯ ମସିହା ଅକ୍ଟୋବର ୨୯ ତାରିଖ ପବିତ୍ର ଅଁଳା ନବମୀ ରେ ଜନ୍ମିତ) ୧୭୮୦ ମସିହାରେ ରାଜାଙ୍କର ରାଜଗୁରୁ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ଅର୍ଥନୈତିକ ସଂକଟ ଦେଇ ଗତି କରିଥିଲା। ୧୭୯୦ ମସିହାରେ ରାଜାଙ୍କର ମୃତ୍ୟୁ ପରେ ବାହ୍ୟ ଶକ୍ତିଙ୍କ ବଳରେ ତାଙ୍କର ଭାଇ ଶ୍ୟାମ ସୁନ୍ଦର ଦେବ ସିଂହାସନ ଛଡାଇ ନେବା ପାଇଁ ଦାବୀ କରିଥିଲେ। ମାତ୍ର ନ୍ୟାୟବନ୍ତ ଜୟୀ ରାଜଗୁରୁଙ୍କ ଭଳି ରାଜାଙ୍କର ଜଣେ ମହାନ୍ ସମର୍ଥକ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ୧୭୯୮ ମସିହାରେ ସିଂହାସନରେ ଅଭିସିକ୍ତ କରାଇବାରେ ସମର୍ଥ ହୋଇଥିଲେ। ଜୟୀ ରାଜଗୁରୁ ନିଜେ ରାଜ୍ୟର ରଜଗୁରୁ ତଥା ପ୍ରଶାସକ ଭାବରେ ଦ୍ୱୈତ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପ୍ରତି ସ୍ୱୟଂ ରାଜା ଏବଂ ମନ୍ତ୍ରୀ ପରିଷଦର ଅକୁଣ୍ଠ ସମର୍ଥନ ରହିଥିଲା, କାରଣ କେବଳ ଜଣେ ରାଜଗୁରୁ ଏବଂ ଶାସ୍ତ୍ରକାର ଭାବରେ ତାଙ୍କର ବିଭିନ୍ନ ଶାସ୍ତ୍ର ଉପରେ ଅଗାଧ ପାଣ୍ଡିତ୍ୟ ନ ଥିଲା, ଜଣେ ଦକ୍ଷ ସୈନିକ ଭାବରେ ଗୁଳିଗୋଳା କମାଣକୁ ପରିଚାଳନା କରିବାରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ।

ଦେଶରେ କେନ୍ଦ୍ରୀୟ ଶାସକଙ୍କର ଦୁର୍ବଳତା ତଥା କ୍ଷୁଦ୍ର କ୍ଷୁଦ୍ର ରାଜବଂଶ ମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱର ସୁଯୋଗ ନେଇ ବ୍ରିଟିସ୍ ଇଷ୍ଟ ଇଣ୍ଡିଆ କଂପାନୀ ତାର ବାଣିଜ୍ୟିକ କାରବାର ସହିତ ନିଜର ରାଜନୈତିକ ଅଭିସନ୍ଧି ଫଳବତୀ କରିବା ପାଇଁ ଯୋଜନା କରିଥିଲା। ଫଳରେ ସେମାନେ ଗୋଟିକ ପରେ ଗୋଟିଏ ରାଜ୍ୟ ଅଧିଗ୍ରହଣ କରିବା ସହିତ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରେ ତାଙ୍କର କେନ୍ଦ୍ର ସ୍ଥାପନା କଲେ। ଉତରରେ ବଙ୍ଗଳା ଠାରୁ ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ପ୍ରତିରୋଧ ବିହୀନ ଜୟଯାତ୍ରା ପାଇଁ ସେମାନେ ଖୋର୍ଦ୍ଧା ଅଂଚଳକୁ ଅଧିକାର କରିବାର ଆବଶ୍ୟକତା ଅନୁଭବ କଲେ। ଚତୁର ଇଂରେଜମାନେ ଖୋର୍ଦ୍ଧାର ଗଜପତି ଦ୍ୱିତୀୟ ମୁକୁନ୍ଦଦେବଙ୍କ ସହିତ ମୁକ୍ତ ଯୋଗାଯୋଗ ପଥ ତଥା ମରହଟ୍ଟା ମାନଙ୍କୁ ପରାସ୍ତ କରିବା ପାଇଁ ସହଯୋଗ କରିବାର ବୁଝାମଣା କଲେ। ଯଦିଓ ଜୟୀ ରାଜଗୁରୁ ଏକ ଦୂରଦର୍ଶୀ ଚିନ୍ତକ ଭାବରେ ଇଂରେଜ ମାନଙ୍କର ଏହି ବୁଝାମଣାକୁ ପ୍ରତିରୋଧ କରିଥିଲେ, କିନ୍ତୁ ପରବର୍ତୀ ସମୟରେ ରାଜାଙ୍କ ଚାପରେ ରାଜି ହୋଇଥିଲେ। ବୁଝାମଣା ପତ୍ର ଅନୁଯାୟୀ ରାଜାଙ୍କୁ ଇଂରେଜ ମାନେ ଏକ ଲକ୍ଷ ଟଙ୍କା ଦେବା ସହିତ ମରହଟ୍ଟା ମାନଙ୍କ କବଳରେ ଥିବା ରାଜା ବୀର କିଶୋର ଦେବଙ୍କ ସ୍ୱପ୍ନର ଚାରୋଟି ପ୍ରଗଣା ଫେରସ୍ତ କରିଦେବା ପାଇଁ ସର୍ତ ରଖିଥିଲେ। (କ୍ରମଶଃ)

# ମାତୃଭାଷା ପ୍ରତି ଯୁବ ସମାଜର ଉଦାସୀନତା



ଲିପ୍‌ସା ପଟେଲ

ଗୋଟିଏ ଜାତି ତା'ର ଭାଷାକୁ ନେଇ ବଞ୍ଚେ। ଜାତିର ଭାଷା ହେଉଛି ତା'ର ଶ୍ରେଷ୍ଠ ସଂପଦ। ଭାଷା ହିଁ ଜାତି ପ୍ରଗତିର ଦ୍ୟୋତକ। ତା'କୁ ନେଇ ଜାତି ଗର୍ବ କରେ। ମାତୃଭାଷା ହିଁ ଭରିଦିଏ ଜାତିର ଅନ୍ତରାତ୍ମାରେ ସ୍ୱାଭିମାନ। ମାତୃଭାଷାର ଉନ୍ନତି ନ ହେଲେ ଜାତିର ଉନ୍ନତି ଅସମ୍ଭବ। ଶିଶୁର ଓଠରୁ ସ୍ୱତଃପ୍ରବୃତ୍ତ ଭାବେ ଝରିଆସେ ମାତୃଭାଷା। ହୃଦୟର ଆବେଗକୁ ମାତୃଭାଷା ମାଧ୍ୟମରେ ଯେପରି ପ୍ରକାଶ କରାଯାଇପାରେ, ଅନ୍ୟ ଭାଷା ମାଧ୍ୟମରେ ସେପରି ପ୍ରକାଶ କରାଯାଇ ନପାରେ। ଭାବର ସ୍ୱାଭାବିକ ପ୍ରକାଶ ନିମିତ୍ତ ମାତୃଭାଷା ଏକାନ୍ତ ପ୍ରୟୋଜନ।

ମାତୃଭାଷା ଏମିତି ଏକ ବହୁଚର୍ଚ୍ଚିତ ଉପାଖ୍ୟାନ ଯାହାକୁ ଯେତେ ତର୍ଜମା କଲେ ମଧ୍ୟ ତା' ଭିତରେ ସମସ୍ୟା ରହିଥାଏ। ସମାଧାନର ସୂତ୍ର ଶ୍ୱାସରୁଦ୍ଧ ହୋଇଯାଏ ଆଲୋଚନାଚକ୍ର ଓ ସାହିତ୍ୟ ସଭାରେ। ସଂପ୍ରତି ଭାରତରେ ୨୨ଟି ମୁଖ୍ୟ ଭାଷା ଓ ୧୬୫୬ଟି କଥିତ ଭାଷା ଅଛି ବୋଲି ଅନୁମାନ କରାଯାଏ। କିନ୍ତୁ ଜନ୍ମ ସମୟରୁ ଅବା ଶୈଶବରୁ ଯେଉଁ ଭାଷା ନିଜ ପରିବାରରେ ପ୍ରଚଳିତ ହୁଏ, ତାହା ହିଁ ମାତୃଭାଷା। ଏହା ମଣିଷକୁ ସ୍ୱାବଲମ୍ବୀ କରାଏ, ଚିନ୍ତା ଓ ଚେତନାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରେ। ମାତୃଭାଷା ହିଁ ମାନବର ଅମୃତ ଉପଲବ୍ଧିର ଭାଷା, ଜୀବନକୁ ବୁଝିବା, ଭଲପାଇବା ଓ ପାରସ୍ପରିକ ସମ୍ପର୍କ ଯୋଡିବାର ଭାଷା।

ସଂପ୍ରତି ସମାଜରେ ଯୁବପିଢ଼ି, ଇଂରାଜୀ ଭାଷାକୁ ମାତୃଭାଷା ଅପେକ୍ଷା ବେଶୀ ଆଦର କରୁଛନ୍ତି। କଥିତ ଅବା ଲିଖିତ ବ୍ୟବସ୍ଥାରେ ଇଂରାଜୀର ପ୍ରୟୋଗ ସେମାନଙ୍କୁ ଗୌରବାନ୍ୱିତ କରୁଛି ବୋଲି ଭ୍ରାନ୍ତ ଧାରଣାରେ ବଞ୍ଚୁଛନ୍ତି। ନିଜ ମାତୃଭାଷାରେ ପ୍ରକାଶିତ ପୁସ୍ତକ କ୍ରୟ କରିବା ଓ ଅଧ୍ୟୟନ କରିବାରେ ସେମାନେ ସଙ୍କୋଚ କରୁଛନ୍ତି। ଇଂରାଜୀ ଖବର କାଗଜରେ ଆଖି ପକାଇବାକୁ ଉଚିତ୍ ମନେକରୁଛନ୍ତି। ଦୂରଦୂରାନ୍ତରକୁ ଯାତ୍ରା କଲା ବେଳେ ହିନ୍ଦୀ ଓ ଇଂରାଜୀ ପତ୍ରିକା କିଣି ପଢ଼ିବାକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ନିଜ ମାତୃଭାଷାର ଅବମାନନା ହୋଇଥାଏ। ମାତୃଭାଷାର ଯଶ ବଜାୟ ରଖିବା ପାଇଁ ଅନ୍ୟ ଭାଷାର ପତ୍ରିକା ଓ ଖବରକାଗଜ ସହ ନିଜ ମାତୃଭାଷାର ଲେଖା ମଧ୍ୟ ପାଠ କରିବା ଶ୍ରେୟସ୍କର। ଆଜିର ଯୁବସମାଜ ସଭା ସମିତିରେ ଇଂରାଜୀ ଭାଷଣ ଦେବାକୁ ଗୌରବମୟ ବିଚାର କଲା ବେଳେ ନିଜ ମାତୃଭାଷାରେ କଥାବାର୍ତ୍ତା କରିବାକୁ ମଧ୍ୟ କୁଣ୍ଠାବୋଧ କରନ୍ତି। ଏହା ସମାଜ ଓ ଜାତି ପାଇଁ ନିଶ୍ଚିତ ରୂପେ ଏକ ବିପଦ ସଂକେତ।



'ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା।'
*- ସ୍ୱର୍ଗତ ଗଙ୍ଗାଧର ମେହେର*

ମାତୃଭାଷାର ଉନ୍ନତି ବିଧାନ ପାଇଁ ଗବେଷଣା ହେବା ଆବଶ୍ୟକ। ସରକାରୀ ତଥା ବେସରକାରୀ ଉଦ୍ୟମ ଅବ୍ୟାହତ ରହିବା ଉଚିତ୍। ଏତଦ୍‌ବ୍ୟତୀତ ପୁସ୍ତକ ପ୍ରକାଶନ ସଂସ୍ଥା ଓ ଲେଖକ ଲେଖିକା ମାନେ ଉପାଦେୟ ପୁସ୍ତକ ପ୍ରକାଶନ କରିବାର ଦାୟିତ୍ୱ ବହନ କରିବା ଆବଶ୍ୟକ। ଓଡ଼ିଆ ଭାଷା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ମଧ୍ୟ କିଛି ମାତ୍ରାରେ ଏ ଉଦାସୀନତାକୁ ଆୟତ୍ତ କରିହେବ। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରାଗଲେ ଶିକ୍ଷାର ଭାବକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିପାରିବେ। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା ପୃଥିବୀର ବହୁଦେଶରେ ଏକ ସ୍ୱୀକୃତ ନୀତି। ମାତୃଭାଷାକୁ ଲୋକାଭିମୁଖୀ କରିବା ସାହିତ୍ୟ ଓ ସଂସ୍କୃତିର ମୁଖ୍ୟ ଦାୟିତ୍ୱ। ଏହାର ମର୍ଯ୍ୟାଦା ଓ ସମ୍ମାନକୁ ବଜାୟ ରଖିବା ଆମ ପ୍ରତ୍ୟେକଙ୍କ ପାଇଁ ଏକ ଗୁରୁଦାୟିତ୍ୱ।

*ଇରିଗେସନ କଲୋନୀ,*
*ଭବାନୀପାଟଣା, କଳାହାଣ୍ଡି*
*ମୋ-୯୪୩୯୪୦୦୩୪୮*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭




**ସେ** ଅନୁଭବ କରୁଥିଲା ଏ ଚମ୍ପୁର ସରଳପଣ କୋଉଠି ନା କୋଉଠି ପାପାଙ୍କୁ ଅଭିଭୂତ କରିଛି। ତାଙ୍କ ହୃଦୟକୁ ଭେଦି ଯାଇଛି। କିନ୍ତୁ ସେ ତାଙ୍କ ରକ୍ତ ହୋଇ ତାକୁ ଏତେ ଘୃଣା କରୁଥିଲା କିପରି ! ତାର ଏତେଗୁଡେ ଭଲଗୁଣକୁ ଅଣଦେଖା କରିପାରୁଥିଲା କିପରି !

ଏମିତି ଚାହିଁଥିଲା ଆଉ ଚାହିଁଥିଲା। କେତେବେଳେ କଲମରେ ଗାର ଟାଣୁଥିଲା ତ କେତେବେଳେ ନଖ କାମୁଡୁଥିଲା। କେତେଥର ମ୍ୟାମ୍ କହିଲେ-ୟୁ ଆର୍ ଆବ୍‌ସେନ୍‌ସ ଇନ୍ ଦ କ୍ଲାସ୍ ତନ୍ଦ୍ରା। ତନ୍ଦ୍ରା କିଛି ନବୁଝି ତତ୍‌କ୍ଷଣାତ୍ ଛିଡା ହୋଇ ଉତର କଲା- ପ୍ରେଜେଂଟ୍ ମ୍ୟାମ୍। ସମସ୍ତେ ହସିଲେ ଓ ନିଜେ ସେ ବି.. ! ସେଠୁ ଫେରି ସେ କ୍ଲାସ୍‌ରେ ଥିଲା ବୋଲି ତାର ହୋସ୍ ନଥିଲା। ହୋସ୍ ଆସିବା ପରେ ନିଜ ବୋକାମୀ ଓ ଅନ୍ୟମନସ୍କତା ପାଇଁ ଟିକେ ଖରାପ ଲାଗିଲା।

କଣ ହୋଇଚି ତୋର ? ଏମିତି କଲମ କି ନଖ ଉପରେ ଅତ୍ୟାଚାର କାହିଁ କରୁଚୁ ? ବିଚରାଙ୍କ ପାଟି ନାହିଁ ବୋଲି ? ଲିଜର୍‌ରେ ପଚାରିଲା ରେଣୁକା।

ବୁଝିଲୁ ବୋକୀ..ସବୁ ପାଟି ଥିବା ଲୋକ କଣ ପ୍ରତିବାଦ କରିପାରନ୍ତି ? ପ୍ରତିବାଦ କରିବାର ବି କଲିଜା ଦରକାର ହୁଏ। ଛାଡ ସେ କଥା। କହିଲା ତନ୍ଦ୍ରା। ତା ପରେ ନୀରବି ଗଲା ସେ। ଏମିତି କୌଣସି କାରଣ ନଥାଇ ଡେସ୍କ୍ ଆଡେ ଚାହିଁ ଦୁଃଖୀ ହୋଇପଡିଥିଲା।

କଣ ହୋଇଛି ତୋର ? ଖୁବ୍ ଅନ୍ୟମନସ୍କ ଅଛୁ ତୁ। ସାର୍ କିଛି କହିଲେ ନା ଅନ୍ୟ ସମସ୍ୟା କିଛି ? ଏମିତି ବି କ୍ଲାସ୍‌ରେ ଅନ୍ୟମନସ୍କ ଥିଲୁ ! ରେଣୁକା ପଚାରିଲା।

ତୁ ଦେବଦାସ କଥା ଜାଣିଛୁ ? କୋହ ଜମି ଆସୁଥିଲା ତନ୍ଦ୍ରାର ସ୍ୱରରେ। ସେଥିପାଇଁ କୌଣସି ଆଡମ୍ବର ନକରି କହିଲା ସେ।

ଦେ..ବ..ଦା..ସ ମାନେ..!! କିଏ.. ? ଏମିତି ବି କାହା ନାଁ ଅଛି ଏଠି ?

ଚମ୍ପୁ ହିଁ ଦେବଦାସ ! ମନେପକାଇଦେଲା ତନ୍ଦ୍ରା।

ହଁ..ସେ ତ କାଲି ଆମକୁ ବଡ ହେଲ୍ପଟେ କରିଥିଲା। କିନ୍ତୁ ତନ୍ଦ୍ରା, ସେ ପିଲାଟି ମନ୍ଦ ନୁହଁ। ଆଗରୁ ସେ ପିଲାଟି ମୋତେ ଖୁବ୍ ସରଳ ଓ ଜିନିଅସ୍ ଲାଗେ। ତୁ ତାକୁ ଗୋଟେ ଭିଲେନ୍ ବନେଇ ଦେଇଛୁ ସିନା କିନ୍ତୁ ସେ ଶାନ୍ତ ଓ ନିରୀହ ପିଲାଟିଏ। ଗାଡିରୁ ଓହ୍ଲେଇ ତାକୁ ସାମାନ୍ୟ ଥାଙ୍କସଟେ ବି ଜଣାଇ ପାରିଲେନି ଆମେ ଦୁହେଁ। ସମୟ ଗଡିଯିବା ଚକ୍କରରେ ଧାଇଁଲେ ଭିତରକୁ। ସେ ପିଲାଟି ବି ଆମ ଥାଙ୍କସ୍‌କୁ ଅପେକ୍ଷା କଲାନି। ଜରୁରୀ କାମ ଥିଲା ବୋଲି ଚାଲିଗଲା ବୋଧେ। କିନ୍ତୁ ତା ସହିତ ମାତ୍ର କେଇପଦ କଥାରେ ବୁଝିହେଲା ଯେ ଭଲ ମଣିଷଟେ ସେ। ହୁଏତ ଆମେ ତାକୁ ବୁଝିବାରେ ଅବହେଳା କରିଛୁ। ମୋତେ ଦୋଷୀ ଭଳି ଲାଗୁଛି। କଣ କହୁଚୁ ?

ଏତିକି କହି ସେ ତନ୍ଦ୍ରା ଆଡକୁ ଚାହିଁଲା ବେଳକୁ ଲୁହରେ ଗୋଟାପଣେ ଭିଜିସାରିଥିଲା ତନ୍ଦ୍ରା। ତାର ଏଭଳି ରୂପରେ ବିବ୍ରତ ହୋଇପଡିଲା ରେଣୁକା। ପାଖରେ ବସିଯାଇ ଅନ୍ତରଙ୍ଗ ସ୍ୱରରେ ପଚାରିଲା-କଣ ହୋଇଛି କହୁନୁ କାହିଁକି ? ସେ ବଦମାସ୍ ପିଲାଟା ସାରଙ୍କୁ ଆମ ବିଷୟରେ କହିଦେଲା କି ? ଏବେ କହ,ତା କଥା ବୁଝିଆସିବି। କିନ୍ତୁ ମୋ ମନ କହୁଛି ସେ କିଛି ବି ଭୁଲ୍ କରିନଥିବ। ତା ଭିତରେ ଗୋଟେ ସରଳ ଓ ଉଦାର ହୃଦୟଟେ ଅଛି। ମୁଁ ତା'ଅନେକ ଦିନରୁ ବୁଝିସାରିଛି ! ଖାଲି ତୋ ଅବୁଝାପଣ ପାଇଁ ଅଟକିଗଲି। ତୁ କାଳେ ମନଦୁଃଖ କରିବୁ ବୋଲି !

ସତରେ ଭୁଲ୍ ହୋଇଯାଇଛି..ତାକୁ ଚିହ୍ନିବାରେ। ମୁଁ ସତରେ ମଣିଷ ହିସାବରେ ଫେଲ୍ ମାରିଛି ତା ପାଖେ। ଲୁହଭିଜା ଆଖିରେ ନିଜ ଅନୁଭବ ଓ ଗତକାଲିର ଘଟଣା ସବୁକୁ ବର୍ଣ୍ଣନା କଲା ତନ୍ଦ୍ରା। ଏମିତିକି ସକାଳେ ତା ପାଖକୁ ଯିବାର ଅନୁଭୂତି। ତା ସହିତ ମିଶିବାର ସେ ଆବେଗ ସବୁକିଛି ବାରି ହୋଇପଡୁଥିଲା ତା ସ୍ୱରରୁ। ରେଣୁକା ଦେଖୁଥିଲା ମାତ୍ର କେଇଘଂଟା ତଳର ମଣିଷଟା କେମିତି ବଦଳିବାରେ ଲାଗିଛି ! ବରଫ ପରି ସ୍ଥିତି ହଜାଇ ଚାଲିଛି ନିଜ ଅଜାଣତରେ। ତା ଉଗ୍ର ଚେହେରା ହଠାତ୍ ଗୋଟେ ଅନନ୍ୟ ଅନୁଭୂତିର ସଂସ୍ପର୍ଶରେ ଆସି ଫୁଲ ଲହୁଣୀ ପରି କୋମଳ ହୋଇଯାଇଛି। ଯାହାକୁ ଛୁଇଁଲେ ଝାଉଁଳି ପଡୁଛି ତାର ସତା !

କିନ୍ତୁ କିଏ ବଦଳିଛି ? ତନ୍ଦ୍ରା ନା ନିଜେ ରେଣୁକା ? କାଲିଠୁ ଦେବଦାସ ପ୍ରତି ଅଜଣା ସମ୍ମୋହନରେ ତ ସେ ଘାରି ହେଉଛି। ତାକୁ ସେ ତନ୍ଦ୍ରା ଆଖିରୁ ପଢିଥିଲା। କିନ୍ତୁ ଯେତେବେଳେ ନିଜ ଆଖି ନେଇ ପଢିଲା..ଖୁବ୍ ମନଛୁଆଁ ଲାଗିଲା। ତା ଚିନ୍ତାଧାରା..ତା ସରଳପଣ ଆଜିକାଲି ଦୁନିଆଁରେ ମିଳିବେ କୋଉଠୁ ? ପିଲାଟା ନିହାତି ମଫସଲ ଅଂଚଳର ହୋଇଥିବ। ଚେହେରାରୁ ବ୍ୟକ୍ତିତ୍ୱ ଜାଣିହୁଏନି ସେ ଶୁଣିଥିଲା। କାଲି ପରଖିନେଲା ବି। ଭାବୁଥିଲା ତା ମନର ହେଁ ଟେ ସବୁ ଆଜି କହିଦେବ ତନ୍ଦ୍ରାକୁ। ହେଲେ ନିଜେ ତନ୍ଦ୍ରା..ପୁରା ବିବର୍ତ୍ତିତ ! ତା ମନର କୋଉ ଗୋଟେ କୋଣରେ ଅନୁରାଗ ଦାନା ବାନ୍ଧିବାରେ ଲାଗିଛି। ଯାହା ରାତିକ ଭିତରେ ଏତେ ବଢିଯାଇଛି ଯେ ତାକୁ ମାପି ହେଉନି। ପୁଣି ସେ ଦୁହିଁଙ୍କ ସକାଳର ଦେଖା ତା ଜୀବନକୁ ନୂଆ ଗୋଟେ ଆଶାରେ ଛନ୍ଦିଛି,ନୂଆ ଚେତନାରେ ବାନ୍ଧିଛି। ରେଣୁକା ତନ୍ଦ୍ରା ଭିତରର ଦୁର୍ବଳତାକୁ ପଢିପାରୁଥିଲା। ଯେତିକି ଯେତିକି ସେ ଗଭୀରତାକୁ ଯାଉଥିଲା କାହିଁକି କେଜାଣି ନିଜେ ଶ୍ୱାସରୁଦ୍ଧ ହେଲା ପରି ଲାଗୁଥିଲା।

(କ୍ରମଶଃ...)




**କୁ**ନାବାପାଙ୍କ ଆଖିକୁ ବିଶ୍ୱାସ ହେଲାନି, ଆଉଥରେ ଆଖିମେଲି ଦେଖିଲେ ଖବର କାଗଜ। ମୁନିସିପାଲିଟିର ନୂଆ ଟିକସର ଅନ୍ତର୍ଭୁକ୍ତ ହେଲା, ଧାରଣା ହେଉ ବା ଜନସଭା, ବର ରୋଷଣୀଠାରୁ ଆରମ୍ଭ କରି ଧାର୍ମିକ ଶୋଭାଯାତ୍ରା ସବୁଠି ଟିକସର ମାଡ। ଲାଗୁଛି କେନ୍ଦ୍ର ସବୁଥିରେ ଅବହେଳା କଲେ ମଧ୍ୟ, ଟିକସ ଲଗେଇବାର କଳାଟିକୁ ଠିକ୍ କପି କରିଛି ବିଏମ୍‌ସି। କୁନାବାପା ଡାକ ଛାଡିଲେ, ଆହେ ଟିକେ ସାନର ବାହାଘର ବଜେଟ କାଗଜଟା ଆଣିଲ। ସକାଳୁ ବଜେଟ କଥା ଶୁଣି କୁନାବୋଉ କାରଣ ପଚାରନ୍ତେ, କୁନାବାପା କହିଲେ, ଆହେ ଏଥର ଆଉ ଭିତିରିଆ ପିସି କାରବାର ନାହିଁ ମୁନିସିପାଲିଟିରେ, ସବୁ କ୍ରିଷ୍ଟାଲ କ୍ଲିଅର। ବାହାଘର ପ୍ରସେସନରେ ଟିକସ, ଠାକୁରଙ୍କ ବିମାନଯାତ୍ରାରେ ବି ଟିକସ, ଏମିତିକି ନିଜ ଦାବିକୁ ନେଇ ଧାରଣାରେ ବସିଲେ ବି ଟିକସ। ତେଣୁ ଆଣ ସେଇ ବାହାଘର ଚିଠାରେ ଆଉ ପାଞ୍ଚ ହଜାର ଟଙ୍କାର ଖର୍ଚ୍ଚ ମିଶିବ। କୁନାବୋଢ଼ଉ ବଡ ଚିନ୍ତିତ ମୁଦ୍ରାରେ କହିଲେ, ହେଲା ଯେ, ଏଇ ଟଙ୍କା ନେଇ ବିଏମ୍‌ସି କରିବ କ'ଣ ?

କୁନାବାପା କହିଲେ, ଆହେ ବାହାଘରରେ ବାଣ ଫୁଟିଲେ ବାଣର ଆବର୍ଜନା, ପ୍ରସେସନରେ ବାଟରେ ପାଣି ପଣା ପିଇ ପ୍ଲାଷ୍ଟିକ ଗିଲାସ ଗଡେଇ ଦିଅନ୍ତି ବରଯାତ୍ରୀ, ଠାକୁର ବିମାନରେ ଗଲାବେଳେ ଭୋଗ କଦଳୀ ନଡିଆ ଚୋପା ଫୋପାଡନ୍ତି ରାସ୍ତାରେ। ଏମିତି ଧାରଣା ଓ ସଭାସ୍ଥଳରେ କାର୍ଯ୍ୟକ୍ରମ ସରିବା ପରେ ଦେଖାଦିଏ କୁଢ଼ କୁଢ଼ ଖାଲି ପାଣି ବୋତଲ, ଖଲି ଆଉ ପତାକା ଓ ପ୍ଲାକାର୍ଡର ଗଦା। ଏଣ୍ଣେ ହେଉଛି, ଆଗକୁବି ହବ, ଆଉ ସେଇ ଏରିଆରେ ଧାରଣା ଓ ସଭାରେ ବସିଥିବା ଲୋକଙ୍କ ପରିଶ୍ରାରେ ଧାରଣା ସ୍ଥଳର ପରିବେଶ ଏକ ମୁକ୍ତ ପରିଶ୍ରାଗାରର ଭ୍ରମ ସୃଷ୍ଟିକରେ। ତେବେ ତାଙ୍କର ବା ଦୋଷ କ'ଣ ? ପ୍ରାକୃତିକ ଚାପକୁ କିଏବା ରୋକିପାରେ। ଏବେ ସେମାନଙ୍କଠୁ ସରକାର ପ୍ରାୟ ପ୍ରତ୍ୟେକ ଦିନ ଏପରି ଟିକସ ଆଦାୟ କଲେ, ତାଙ୍କ ମନୋବଳ କମବି, ଧାରଣା କମିବ ଆଉ ସରକାରଙ୍କୁ ବିରୋଧ ପ୍ରଦର୍ଶନ ବି କମିବ। ବଡ ଚମତ୍କାର ଉପାୟ ପାଞ୍ଚିଛନ୍ତି ମେୟର ମହାଶୟ। ଏକରେ ଟିକସ ପାଇ ଫଣ୍ଡ ବଢ଼ିବ, ଆଉ ବିରୋଧ କରିବାକୁ ଆସି ରାଜଧାନୀ କମ୍ପେଉଥିବା ଧାରଣାରେ ଲୋକସଂଖ୍ୟା ମଧ୍ୟ କମିବ। ମାନେ ପୁରା ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଓ ସେବାରେ ବିଏମ୍‌ସି। କୁନାବୋଉ କହିଲେ, ହେଲା ଯେ, ଏ ଟିକସ ପଇସାରେ ପୁଣି, ଧାରଣା ସ୍ଥଳରେ ପରିଶ୍ରାଗାର, ଶୌଚାଳୟ ସାଙ୍ଗକୁ ବୋଧେ ଦିନକୁ ଦୁଇଥର ରାସ୍ତାରୁ ଅଳିଆ ହଟିବ। ଆମ ରାଜଧାନୀ, ସ୍ମାର୍ଟସିଟିରେ ଏକ ନମ୍ବର, ତେଣୁ ସଫାସଫେିରେ ଏକ ନମ୍ବର ହୋଇ ଦୃଷ୍ଟାନ୍ତ ହେବ ସାରା ଦେଶରେ। କୁନାବାପା କହିଲେ, ହଁ ହେଇପାରେ। ଏବେ ଯୋଉ ଅଳିଆକୁ ନେଇ ହଟହଟା ହୋଇଥିଲେ ବିଏମ୍‌ସି ବାଲା, ଆଗକୁ ସେତିକି ନହେଲେ ହେଲା। ଦେଖିବ ମେୟରଙ୍କ ମନ୍ତ୍ରୀ କେତେ କାଟୁ କରୁଛି ? ସର୍ବେ ଭବନ୍ତୁ ସୁଖିନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

## ପ୍ରେମିକ

ଆକାଶରେ ଉଡି ବୁଲୁଥିଲେ ଦୁଇ ପ୍ରେମପକ୍ଷୀ; ତାଙ୍କ ପାଖରେ ସ୍ୱାର୍ଥର ବିନ୍ଦୁ ବିସର୍ଗ ନଥିଲା। ବାସ୍ ଖାଲି ଜୀବନକୁ ଖୋଲି ଜିଇଁବା ଶିଖି ଯାଇଥିଲେ ସେମାନେ। ସବୁଠି ଚର୍ଚ୍ଚା ଚାଲୁଥିଲା ଅଙ୍କିତ୍ ଆଉ ଅଙ୍କିତାର। ଯାହା କଲେ ଲୋକ କହିବେ ଖୋଦ୍ ଏ ପୁଣି ପ୍ରେମ ବ୍ୟାପାର, ଚର୍ଚ୍ଚା ଚାଲିବା ସ୍ୱାଭାବିକ। ଏସବୁ ଚର୍ଚ୍ଚା କେବେବି ଫରକ ପକାଇନି ଅଙ୍କିତ୍ ଆଉ ଅଙ୍କିତାର ସମ୍ପର୍କରେ। ସେଦିନ ଅଙ୍କିତା କହିଲା ଅଙ୍କିତ୍ ମୁଁ ଖୁଦୁରୁକୁଣୀ ଓଷା କରିଛି। ତୁ ମୋ ପାଇଁ ଗାଁ ମୁଣ୍ଡ ପୋଖରୀରୁ କଇଁଫୁଲ ତୋଳି ଆଣିବୁ ଟିକେ। ହଁ କହିଲା ଅଙ୍କିତ୍। ପାଣି ଉପର କୁହୁଡିଆ ଦିଶୁଥାଏ। ଶୀତ ନଥିଲେ ବି ପାଣି ଭିତରଟା କେମିତି କେମିତି ବରଫ ପରି ମନେ ହେଉଥିଲା। ଲୋମ ଟାଙ୍କୁଳି ଉଠୁଥିଲା। ତଥାପି ତା'ରି ଭିତରେ ଦଳ ଆଡେଇ ବେଙ୍କେ କଇଁଫୁଲ ତୋଳି ଆଣିଥିଲା ଅଙ୍କିତ୍।

ଆଉ ଦିନେ ଗାଁ ଭିତରେ ଭୋଜି ଖାଇବାକୁ ଯାଉଥିଲା ଅଙ୍କିତ୍ ତ' ବାଟରେ ବାଟ ରୋକି କହିଥିଲା ଅଙ୍କିତା ମୋ ପାଇଁ ଭୋଜିରୁ କ'ଣ ଆଣିବୁ। ଅଙ୍କିତ୍ କହି ପକାଇଲା ତୁ' ଯାହା କହିବୁ ମୁଁ ସେଇଆ ଆଣିବି। ହଉ ତେବେ ମୋ ପାଇଁ ତୁ ରସଗୋଲାଟିଏ ଆଣିବୁ ବୋଲି କହିଥିଲା ଅଙ୍କିତା। ସେଦିନ ଭୋଜିରୁ ଫେରିଲା ବେଳେ ବଡ ଆଦରରେ ଅଙ୍କିତା ପାଇଁ ଅଙ୍କିତ୍ ରସଗୋଲାଟିଏ ଆଣିଥିଲା। ଆଉ ଯେତେବେଳେ ରସଗୋଲାଟିକୁ ଅଙ୍କିତା ହାତକୁ ବଢ଼ାଇଦେଲା ଅଙ୍କିତା କହିଲା- ଆରେ, ମୁଁ କହିଥିଲି ବୋଲି ତୁ ଭୋଜିରୁ କେମିତି ମୋ ପାଇଁ ରସଗୋଲାଟିଏ ଆଣିଲୁ ! ଯେଉଁ ଲୋକ ଏହା ଦେଖିଥିବେ ସେମାନେ ତତେ କ'ଣ ଭାବିଥିବେ କହିଲୁ। *(କ୍ରମଶଃ...)*

*ମୋ-୭୮୭୩୯୪୦୬୭୬*






## ସେହି ସବୁ ଦିନ



**ସନାତନ ବେହେରା**

**ଶୀ**ତୁଆ ସକାଳର ହେମାଳ ପବନ
ଶିରି ଶିରି ହୋଇ ଦେହକୁ ଛୁଉଁଛି
ଜାକିଜୁକି ବିଛଣାରେ ଘୋଡିହୋଇ
ଅତୀତକୁ ଝୁରି ହୋଇ
ଜୀବନ ବିତୁଛି।

ଶୀତ ଆସିଲେ
ଶ୍ରୀପଞ୍ଚମୀ ତିଥିକୁ ମୁଁ
ଚାହିଁ ବସିଥାଏ
ସେହି ସଂଧ୍ୟାରେ
ତମେ ପ୍ରଥମକରି ଶାଢ଼ୀ ପିନ୍ଧି
ବୁଲିଲ ସାଥିରେ।

ବାଟସାରା କହୁଥାଅ
ଶାଢ଼ୀ ପିନ୍ଧି ତୁମେ କୁହ
ଆଜି ପରି ଦିନରେ ମୁଁ
କେମିତି ଦିଶୁଛି।

ସେଇ ସ୍ମୃତି ସେ ଅତୀତ
ବୁଲିବାର ନୁହେଁ
ମନରେ ପଡିଲେ ବେଶି
ଶୀତ ସକାଳରେ
ଦେହରୁ ମୋ ଝାଳ ବୋହିଯାଏ।
କେମିତି କହିବି କହ
ଆଜିକାଲି ସଂସାର ଭିତରେ

ଆନସନା ବେଶି ହୁଏ
ତୁମକଥା ସ୍ମୃତି ହୋଇ ମନକୁ ଛୁଇଁଲେ।

(ଏକ ଦୀର୍ଘ କବିତାର ଅଂଶ ବିଶେଷ)

*ଅବସରପ୍ରାପ୍ତ ମୁଖ୍ୟ ଗ୍ରନ୍ଥାଗାରିକ*
*ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ'*
*ସହିଦ ନଗର, ଭୁବନେଶ୍ୱର-୭*

## ଏକା ଏକା



**ପ୍ରଦୀପ ବନ୍ଧ**

**ଛ**ଳନା ନଇର ସୁଖିଲା ଜୁଆର
ସବୁ ଖାଲି ଲାଗେ ବିଷ
ଦୁଃଖଭରା ଏହି
ଶୂନ୍ୟ ପୃଥିବୀରେ
କାହାର ଗାଇବି ଯଶ...।

ଯାହା ପାଇଁ ଦିନେ ଘୁରି ବୁଲୁଥିଲି
ସବୁ ଦୁଃଖ ସୁଖ ଭୁଲି
ମୋତେ ପର କରି ଚାଲିଗଲା ସିଏ
ଡେଣା ଲାଗିଗଲା ବୋଲି...।

ଫେନିଳ ଆକାଶେ ଦୂର ଦିଗ୍‌ବଳୟେ
ଆଖିଖୋଲି ଯେବେ ଦେଖେ
ଅତୀତର ମୋହ ପଛକୁ ପକାଇ
ଆସିକି ପାରିବ ସାଥେ
ଅଜଣା ରାଇଜେ ଚାଲିଯିବା ପାଇଁ
କେହି ଜଣେ ମୋତେ
ଦୂରୁ ହାତ ଠାରି ଡାକେ।

ମୋ-୮୦୭୨୭୮୩୨୨୦

## କହଲୋ ମା'

*ଲିନା ମହାନ୍ତି*

**କେ**ମିତି କହ ତୁ ପଥର ସାଜିଲୁ
ଦଶ ମାସ ପରା ଗରଭେ ଥିଲି,
ତୋ ରକ୍ତ ମାଂସରେ ଗଢ଼ା ପରା ମୁଁ
କେମିତି ତୋ ପାଇଁ ବୋଝ ମୁଁ ହେଲି।

ଜାଳିଲୁନି ଥରେ ମୋ ପାଇଁ ଏନ୍ତୁଡି
ମଶାଣିରେ ଆଣି ଦେଲୁ ଶୁଆଇ,
ବଞ୍ଚି ଥାଉ ଥାଉ କାହିଁକି ଲୋ ମା'
ମାରିଦେଲୁ ମତେ ନ ଜାଳି ଜୁଇ।

ଦିବ୍ୟାଙ୍ଗ ବୋଲି ମୁଁ ପାଇଲୁନି ଭଲ
ନ ଥିଲା ତୋ ମନେ ଟିକିଏ ମୋହ,
ଝିଅଟିଏ ବୋଲି କାହା କଥା ଶୁଣି
ଫିଙ୍ଗି ଦେଲୁ ମତେ କାହିଁକି କହ।

ଭାବିଲୁକି ମା ରହିଲେ ମୁଁ ବଞ୍ଚି
ବୋଝଟିଏ ହେବି ତୋ ପାଇଁକି,
ବିକଳାଙ୍ଗ କହି ହେବେନି କେ ସାଙ୍ଗ
କେମିତି ବଞ୍ଚିବି ଦୁଃଖ ସହିକି।

ଦବୁ ଯଦି ବାହା ବିକଳାଙ୍ଗ କହି
କିଏ କେତେ ମତେ କରିବେ ଥଟ୍ଟା,
ଭାବିଲୁକି ମା ମୋ ପାଇଁ କାଳେ
ନଇଁଯିବ କେବେ ତୋହରି ମଥା।

ଏତେ କଥା ଯଦି ଥିଲା ତୋ ମନେ
କାହିଁ ଦେଖେଇଲୁ ଏଇ ଦୁନିଆ,
ଘଡିକରେ ମତେ କଲୁ ସାତପର
ତୋ ବିନା ନ ଥିଲା ଆଉ କେ ସାହା।

***ଜଗତସିଂହପୁର***

## ଅରଖଫୁଲର ବାସ



**ଡ. ସତ୍ୟନାରାୟଣ ମିଶ୍ର**

ପ୍ଲାଟ୍‌ଫର୍ମରୁ ରେଳ ଲାଇନ୍ ଟ୍ରାକରେ ଓହ୍ଲେଇ ବେଶ୍ ସତର୍କତାର ସହିତ ସେପଟକୁ ଯିବାକୁ ପଡେ। ଠିକ୍ ଓହ୍ଲାଇବା ବେଳକୁ ବୁଢ଼ାଲୋକଟି ହାତଧରି ପ୍ଲାଟଫର୍ମ ଉପରକୁ ଉଠିବାକୁ ହାତ ବଢ଼େଇଲା। ବୟସ ୬୫ ସରିକି ହେବ। ମୁଣ୍ଡରେ ଗୋଟେ ଅଖା ବୋଝ। ଚିରା ଅଖାର ଫାଙ୍କ ଭିତରୁ କିଛି ଫୁଲ ବାରିହୋଇ ପଡୁଥାଏ। ପଚାରିଲି ମଉସା, ଏ ଗୁଡାକ କ'ଣ ? ଅଖାରେ ବାନ୍ଧିଛ ? ଲୋକଟି ଉତ୍ତର ଦେଲା, ଫୁଲ। କି ଫୁଲ ? ପଚାରିଲି। ଦେଖିପାରୁନ କି ? ଅରଖଫୁଲ। ହାଁ - ଅଖାରେ ଅଖାଏ, ଅରଖଫୁଲ। ହଁ ଆଜ୍ଞା। ବହୁତ କଷ୍ଟରେ ସାରା ସହର ବୁଲିବାକୁ ପଡୁଛି। ଗଳିକନ୍ଦି, ପଡିଆ ଗଡିଆ। ହଉଁ ସତ ଯେ, ଏଗୁଡାକ କରିବ କ'ଣ ? ଏଗୁଡା ଆଗ ବଛାହେବ। ପ୍ଲାଟଫର୍ମ ଉପରକୁ ଉଠିଆସି ବୁଢ଼ାଟି ଉତ୍ତର ଦେଲା। ତା'ପରେ ନୂଆ ପ୍ୟାକିଂ ହବ ଆଉ କଲିକତା ପଠାହବ। କାହିଁକି ? ସେଠି ଅରଖଫୁଲ ସବୁ ଆଡକୁ ବିକ୍ରି ପାଇଁ ପଠାଯିବ ବାବୁ। ବୁଝିପାରୁନ କି ? କେତେ ପଇସା ପାଉଛ ? ପଚାରିଲି। ଅଖାପିଛା ୫୦ରୁ ୧୦୦ ଟଙ୍କା, ଦିନକୁ ୩, ୪ ବସ୍ତା ନିହାତି ଯୋଗାଡ କରିବାକୁ ହେବ। ଅର୍ଥାତ୍, ଭାବିଲି, ଲୋକଙ୍କ ଭଲ ବାଟଟିଏ ଧରିଛି ତ। ଏଠି ତ ଅରଖ ଫୁଲ ଯାହାକୁ ଯେତେ, ହେଲେ ଆମ ଲୋକଙ୍କ ମୁଣ୍ଡରେ ଏ ବୃଦ୍ଧି କେବେ ପଶି ନଥିଲା। କେମିତି ?

ଶୁଣିଥିଲି, ବାହାରକୁ ସପ୍ଲାଇ ହେବା କଥା ଫୁଲ, ମାତ୍ର ଅରଖ ଫୁଲ କଥା ଜାଣି ନଥିଲି। ଅରଖ ଗଛଟା ଭାରି ଦରକାରୀ ଗଛ। ପିଲାଦିନେ ଅରଖ ଖିର ଗୋଡ ଆଙ୍ଗୁଠିରେ ଦେଲେ ଆଖି ଆଲୁଅ କମିଯାଏ ବୋଲି ଶୁଣିଥିଲି। ଆହୁରି କେତେ କଥା। ଅରଖ ଗଛମୂଳରେ ଶ୍ୱେତାର୍କ ଗଣପତିଙ୍କର ଅବିକଳ ଆକୃତି ମିଳିଗଲେ ଭାରି ଶୁଭ। ପୂଜା କଲେ ବହୁତ ଲାଭ ହୁଏ। ଆମ ଏକାମ୍ର କ୍ଷେତ୍ର, ମହାପ୍ରଭୁ ଲିଙ୍ଗରାଜଙ୍କର କ'ଣ ଅରଖଫୁଲ ପ୍ରତି ଆଦର ନାହିଁ ନା ଆମ ସହରର ବାସିନ୍ଦା ଏହାକୁ ଫୁଲ ମାନ୍ୟତା ଦେଉନାହାନ୍ତି। କଲିକତା ଷ୍ଟାମ୍ପ ନ ବାଜିଲା ପର୍ଯ୍ୟନ୍ତ।

ବାଡିରୁ ସାହି ଭାଇ ଫୁଲଟେ ତୋଳି ନେଇଗଲେ ଚିହିଁକି ପଡୁ ଆମେ। ସତକଥା, କନିଅରୀ, ବେଲପତ୍ର, ଅଁଳା ସବୁ ବାଡିରୁ ଚୋରି ହୋଇଯାଏ ମନ୍ଦାର ଟଗର ବି, ବିକାହୁଏ ବହୁତ ବେପାରୀଙ୍କ ଦ୍ୱାରା ମନ୍ଦିର ଆଗରେ। ସକାଳୁ ଉଠିଲା ବେଳକୁ ଗଛ ଫାଙ୍କା

ସେଦିନ ସକାଳୁ ବାଡିପଟେ ପାଟି ଶୁଣି ଦଉଡିଗଲା ବେଳକୁ ମୋ ପଡୋଶୀ ମହାପାତ୍ର ବାବୁ, ଆଉ ଜଣେ ପଛପଟେ ରହୁଥିବା ନୂଆ ଯୁବକଙ୍କୁ ପାଟି କରୁଛନ୍ତି। ଓହ୍ଲାଅ, ଓହ୍ଲାଅ ଶୀଘ୍ର, କାହିଁକି ଏ ପଟକୁ ଆସିଛ ? ଯୁବକଟି କହୁଥାଏ, ମୁଁ ଆପଣଙ୍କ ବାଡିରେ ପଶିନି, ମୁଁ ଏ ବାଡିରୁ ଦିଟା ଟଗରଫୁଲ ନେଉଛି। ମୁଁ ନୀରବ ରହିଯାଇଥିଲି। ଟଗରଫୁଲ ନାଁରେ ପାଚେରୀ ଡେଇଁ ପଶିଥିବା ଏ ଯୁବକଙ୍କ ଯେ ଦିନେ ମହାପାତ୍ର ବାବୁଙ୍କ ବାଡି ଲାଣ୍ଡୁ କରିଦେବ, ସେହି ଆଶଙ୍କାରେ ମହାପାତ୍ର ବାବୁ ବିରକ୍ତ ହେଉଥିଲେ। ଲୋକଟା ନିଜ ବାଡି ଚଟାଣ ସିମେଣ୍ଟ କରି ଦେଇଛି, ଗଛ ଲଗାଇନି, ଯା, ତା ବାଡିରେ ପଶୁଛି। କାହାକୁ କହିବ ?

ଚୋରି କିଏ ନ କରୁଛି। ନେଇଆଣି ଥୋଇ ପାରିଲେ ଚୋରି ବିଦ୍ୟା ଭଲ। ଆମେ ତ ମୂଲ୍ୟ ବୁଝୁନୁ। ଯଦି ଯିଏ ଅନାବନା ବଣୁଆ ଫୁଲକୁ ତୋଳି ଦେଇ ପେଟ ପୋଷି ପାରିଲା, ସେଥିରେ ଆମେ ବ୍ୟସ୍ତ ହେବା କାହିଁକି ? ମନକୁ ମନ ବୁଝାଇଲି।

ସତକଥା, ଦିନ ନ ଆସୁ, ଆମ ବାଡିର ଲୋକ, ଟଗର, କନିଅର, ମନ୍ଦାର ସାଙ୍ଗକୁ ବାହାରେ ଫୁଟୁଥିବା ସବୁ ବଣୁଆ ଫୁଲ ବି ରାତି ପାହିଲା ବେଳକୁ ଉଭାନ ହୋଇ ନଯାନ୍ତୁ, କେଉଁ ବାହାର ଅଞ୍ଚଳର ବ୍ୟବସାୟୀ ହାତରେ।

ଅଖା ଗୁଡିକୁ ସଜାଇ ରଖି ବୁଢ଼ାଟି ଅପେକ୍ଷା କରିଥିଲା ସାନ୍ତାଗାଛି ଟ୍ରେନ୍‌କୁ। ମୋତେ ଠିଆହେବା ଦେଖି କ'ଣ ଭାବିଲା କେଜାଣି, କହିଲା ପୁଅଟିକେ ଅଖା ଟ୍ରେନ୍ ଭିତରକୁ ଉଠେଇବି, ସାହାଯ୍ୟ କରିବ କି ?

ନା, ନା, ସମୟ ହୋଇଗଲାଣି, ମୁଁ ଚାଲିଲି ମଉସା। ଆଉ କାହାକୁ କୁହ। ମୁହଁ ଓଲଟାଇ ଫେରି ଆସିଲି।

*ସି-୮୯, ଲିଙ୍ଗରାଜ ବିହାର*
*ପୋଖରୀପୁଟ, ଭୁବନେଶ୍ୱର-୨୦*




### ଗୋରଖନାଥ ପୀଠରେ ଛଦ୍ମ ଭକ୍ତ !

# କାହା ସ୍ୱାର୍ଥରେ ଟ୍ରଷ୍ଟବୋର୍ଡ

**ଜଗତସିଂହପୁର (ସୁଶାନ୍ତ କୁମାର ରାଉତ) :** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ କେରେକେରା ମୌଜାରେ କେଉଁ ଆବହମାନ କାଳରୁ ପୂଜା ପାଉଛନ୍ତି ପ୍ରଭୂ ଗୋରଖନାଥ। ଦିନକୁ ଦିନ ପ୍ରଭୂ ଗୋରଖନାଥଙ୍କ ମହିମା ପ୍ରଭାବରେ ଏହି କ୍ଷେତ୍ରରେ ପ୍ରବଳ ଜନସମାଗମ ଯୋଗୁ କ୍ଷେତ୍ରର ଆର୍ଥୀକ ଆୟ ଢେର୍ ବୃଦ୍ଧି ପାଇଛି। ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ଏଠାରେ ୨୦୦୭ ମସିହା ଠାରୁ ଏଠାରେ ୯ଗୋଟି ଟ୍ରଷ୍ଟବୋର୍ଡ ୯ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କ ଅଧିନରେ କାର୍ଯ୍ୟ କରିସାରିଛି। ତେବେ ଗତ ୨-୩ ବର୍ଷ ହେବ ଠାକୁରଙ୍କ ସମ୍ପତ୍ତି ବୃଦ୍ଧିକୁ ଆଖି ଆଗରେ ରଖି ବିଭିନ୍ନ ଆଳରେ ଟଙ୍କା ଲୁଟ ପାଇଁ କେତେକ ଛଦ୍ମଧାରୀ ଭକ୍ତ ସର୍ବଦା ଚେଷ୍ଟିତ ଥିବା ପରିବେଶ ଓ ପରିସ୍ଥିତିରୁ ବେଶ ବୁଝି ପାରୁଛନ୍ତି ସ୍ଥାନୀୟ ଜନସାଧାରଣ। ଏହି ମନ୍ଦିରରେ ଫୁଲ, ଦୀପ, ଭୋଗ, ମାନସିକଧାରୀଙ୍କ ଯାଁବାଳ ପକାଇବା ଇତ୍ୟାଦି ଟେଣ୍ଡର ମାଧମରେ ବର୍ଷକୁ ୧କୋଟିରୁ ଉର୍ଦ୍ଧ୍ୱ ଆୟ କରାଯାଇଥିବା ବେଳେ ଠାକୁରଙ୍କ ହୁଣ୍ଡିରୁ ମଧ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆୟ ହୋଇଥାଏ। ତେବେ ଗତ ଟ୍ରଷ୍ଟ ବୋର୍ଡର ମୁଖ୍ୟ



ଥିବା ଜଗତସିଂହପୁର ତତ୍‌କାଳୀନ ଉପଜିଲ୍ଲାପାଳ ନରହରି ସେଠୀଙ୍କ ସମୟରେ ଥିବା ବୋର୍ଡ ସଦସ୍ୟ ମାନେ ବହୁ ବିବଦମାନ ପରିସ୍ଥିତିରେ କାର୍ଯ୍ୟ କରୁଥିବା କଥା ଖୋଦ୍ ଉପଜିଲ୍ଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ମୁଖ୍ୟ ନରହରି ସେଠୀ ତା.୩୧.୮.୨୦୧୫ ଚିଠି ନଂ. ୫୭୭୦ରେ ରାଜ୍ୟ ଦେବୋତ୍ତର ବିଭାଗ କମିଶନର୍‌ଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏବଂ ମନ୍ଦିରର ସଞ୍ଚୟ ଖାତାରେ ଗଛିତ ଥିବା କୋଟି କୋଟି ଟଙ୍କାକୁ ଟ୍ରଷ୍ଟ ବୋର୍ଡର ଜମା ଖାତାରେ ଫିକ୍ସଡ୍ ଡିପୋଜିଟ କରିଦେଇଥିଲେ। ଆହୁରି ମଧ ଜଣେ ବ୍ୟକ୍ତି ନିଜ ସମ୍ପର୍କୀୟ ମାନଙ୍କ ନାମରେ ଭୋଗ, ଦୀପ ଦୋକାନର ନିଲାମି ନେଇ ଠକୁଥିବା ବ୍ୟକ୍ତିଙ୍କ ବିରୁଧରେ ମାମଲା ମାନ ରୁଜୁ କରିଥିଲେ। ମୋଟାମୋଟି ଭାବେ ତାଙ୍କ ସମୟରେ ବୋର୍ଡରେ ଥିବା ସଭ୍ୟମାନଙ୍କ ଆଚରଣରେ କ୍ଷୁବ୍ଧ ହୋଇ ଦେବୋତ୍ତର ଆୟୋଗଙ୍କୁ ଚିଠି ଲେଖିଥିଲେ। ସେ ସମୟରେ ଥିବା କେତେକ ସଭ୍ୟଙ୍କ ସହାୟତା ଯୋଗୁ ଟ୍ରଷ୍ଟ ବୋର୍ଡର ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠାକୁରଙ୍କ ଖାତାକୁ ଆସି ପାରିନଥିଲା। ପୂର୍ବ ଟ୍ରଷ୍ଟବୋର୍ଡର କାର୍ଯ୍ୟକାଳ ଶେଷ ପରେ ଦେବୋତ୍ତର ଆୟୋଗଙ୍କ କଡା ନିତି ନିୟମ ଦ୍ୱାରା ଏକ ନୂତନ ଟ୍ରଷ୍ଟବୋର୍ଡ ପାଇଁ ଉପଜିଲ୍ଲାପାଳ ଜଗତସିଂହପୁର, ତହସିଲଦାର ରଘୁନାଥପୁର, ଆଇଆଇସି ତିର୍ତ୍ତୋଲ, କେରେକେରା ଗାଁର ପ୍ରଦୀପ କୁମାର ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ଜୀବନ ବହ୍ଲଭ ମହାନ୍ତି, କ୍ଷୀରୋଦ୍ କୁମାର ମହାନ୍ତି, ପ୍ରମୋଦ କୁମାର ମହାନ୍ତି, ଜୟପୁରର ସୁର୍ଯ୍ୟ ନାରାୟଣ ପଣ୍ଡା, କେରେକେରାର ବାଦଲ କୁମାର ଯୋଗାଣିଆ, ସୁଶାନ୍ତ କୁମାର ଦାସଙ୍କ ନାମକୁ ନେଇ କମିଟି ଗଠନ ପାଇଁ ୨୩ ମାର୍ଚ୍ଚ ୨୦୧୭ରେ ବିଜ୍ଞାପନ ମାଧମରେ ସ୍ଥାନୀୟ ଲୋକଙ୍କୁ ଜଣାଇ ଦିଆଯାଇଥିଲା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଓ ପରେ ମଧ ଏହି କମିଟିକୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣ ସ୍ୱାଗତ ଜଣାଇଥିଲେ। ତେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି କମିଟିକୁ ସ୍ୱିକୃତି ଦିଆନଯାଇ ପୁଣି ୮.୧୧.୨୦୧୭ ରେ ଆଉ ଏକ କମିଟି ତାଲିକାର ବିଜ୍ଞାପନ ପ୍ରକାଶ ପାଇଛି। ଯେଉଁଥିରେ କୌଣସି ସରକାରୀ ଅଧିକାରୀଙ୍କ ନାଁ ନାହିଁ। ଏହି ପ୍ରକାର କମିଟିର ବିଜ୍ଞାପନ ପ୍ରକାଶ ପରେ ସାଧାରଣରେ ଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି। ଲୋକଙ୍କ ପ୍ରଶ୍ନ ଯେ ଯେଉଁ କେତେକ ବ୍ୟକ୍ତିଙ୍କ ସଦସ୍ୟତା ବେଳେ ପୂର୍ବ କମିଟି ସମୟରେ ଟ୍ରଷ୍ଟବୋର୍ଡର କୋଟି କୋଟି ଟଙ୍କାକୁ ନିଲାମଧାରୀମାନେ ପାଖରେ ରଖିଛନ୍ତି, ସେହି କଳା ତାଲିକାଭୁକ୍ତ ନିଲାମଧାରୀମାନଙ୍କ ପୃଷ୍ଠପୋଷକ ସାଜିଥିବା ଜନୈକ ବ୍ୟକ୍ତି ଏହି ୮.୧୧.୨୦୧୭ର ପ୍ରକାଶିତ କମିଟିରେ ନାହାନ୍ତି ତ? ତେବେ କାହା ସ୍ୱାର୍ଥ ପାଇଁ ଠାକୁରଙ୍କ କୋଟି କୋଟି ଟଙ୍କାର ହିସାବକୁ ନଜରକୁ ଅଣାଯାଉ ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଚ୍ଚ ସରକାରୀ ଆର୍ଥୀକ ଅନିୟମିତତା ସଂସ୍ଥା ଦ୍ୱାରା ଏହି ଟ୍ରଷ୍ଟବୋର୍ଡର ନେଣଦେଣ ତଦନ୍ତ କରାଗଲେ ବହୁ ଆର୍ଥିକ ଅନିୟମିତତାର ପରଦା ଫାସ୍ ହୋଇପାରିବ ବୋଲି ଦାବି ଉଠିଛି।

# ଇତିହାସ ରଚିଲା ପାରାଦୀପ ବନ୍ଦର

### ୨୪ଘଣ୍ଟାରେ ୨୪ ଜାହାଜ ଚଳାଚଳ




**ପାରାଦୀପ,(ଇଏନ୍‌ଏସ୍) :** ପାରାଦୀପ ବନ୍ଦର ଜାହାଜ ଚଳାଚଳ ଓ କରାବାର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ରେକର୍ଡ କରି ଚାଲୁଥିବା ବେଳେ ପ୍ରଥମ ଥର ପାଇଁ ୫୧ବର୍ଷ ମଧ୍ୟରେ ଗତ ଡିସେମ୍ବର ୧ତାରିଖରେ ୯.୧୯ ଏମ୍.ଟି କାର୍ଗୋ କାରବାର କରି ତାର ପୂର୍ବ ରେକର୍ଡ ୮.୮୬ ମିଲିଏନ୍ ଟନକୁ ଟପିଯାଇଛି। ଏତତ୍ ବ୍ୟତିତ ଗତ ୩ତାରିଖରେ ସଫଳତାର ସହ ୨୪ଘଣ୍ଟାରେ ୨୪ଟି ଜାହାଜ ଚଳାଚଳ, ବର୍ଥିଙ୍ଗ, ସେଲିଙ୍ଗ ଓ କାରବାର କରାଇ ପାରାଦୀପ ବନ୍ଦର ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି। ପ୍ରଥମ ସିଫ୍ଟରେ ୯ଟି, ୨ୟରେ ୭ଟି ଏବଂ ୩ୟ ସିଫ୍ଟରେ ୮ଟି ସମୁଦାୟ ୨୪ଟି ଜାହାଜକୁ ସମୁଦ୍ର ପୋତାଶ୍ରୟରେ ବର୍ଥିଙ୍ଗ ଓ ସେଲିଙ୍ଗ କରାଯାଇ ସର୍ବମୋଟ ୨,୩୭,୩୪୧ ମିଲିୟନ ଟନସ୍ କାର୍ଗୋ କାରବାର କରାଯାଇଥିଲା। ଏପରି ସଫଳତାରେ ବନ୍ଦରର ଡେପୁଟି କନ୍‌ଜରଭେଟର (ଆଇ/ସି) ଓ ହାରବର ମାଷ୍ଟର ଏ.କେ.ମହାପାତ୍ର ଏହି କୃତ୍ତିତ୍ୱର ଶ୍ରେୟ ବନ୍ଦରର ପାଇଲଟ୍, ଏଥିସହ ଜଡିତ ଷ୍ଟିଭେଡୋର୍ସ, ଜାହାଜମାନଙ୍କର ଏଜେଣ୍ଟ ଓ ବନ୍ଦରର ଟ୍ରାଫିକ ବିଭାଗକୁ ଦେବା ସହ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ଏତତ୍‌ବ୍ୟତିତ ଏହି ସଫଳତା ପାଇଁ ବନ୍ଦରର ଅଧ୍ୟକ୍ଷ ଶ୍ରୀ ରିଙ୍କେଶ ରଏ ବନ୍ଦର ମେରାଇନ୍ ବିଭାଗ, ଟ୍ରାଫିକ ବିଭାଗ, କର୍ମଚାରୀ ବନ୍ଦରର କାରବାରରେ ବ୍ୟବହାରକାରୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଭୁବନେଶ୍ୱର : ୪ଦଫା ଦାବିରେ ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘର ବିକ୍ଷୋଭ

# ପୋଲିସ୍ ଏନ୍‌କାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ଗୁରୁତର

**ପାରାଦୀପ,(ଇଏନ୍‌ଏସ୍) :** ପାରାଦୀପ ଲକଥାନା ଅନ୍ତର୍ଗତ ନିର୍ମାଣଧିନ ପ୍ଲାଷ୍ଟିକପାର୍କ ରାସ୍ତା ନିକଟରେ ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ସୁର୍ଯ୍ୟକାନ୍ତ ସ୍ୱାଇଁ ଗୁରୁତର। ଗତ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଲକଥାନା ଅଧିକାରୀ ଚୁନ ଛକ ଠାରେ ନାଇଟ୍ ପେଟ୍ରୋଲିଙ୍ଗ୍ କରୁଥିବା ସମୟରେ ତିନିଜଣ ଯୁବକ ଏକ ବାଇକ୍ ଯୋଗେ ଆସୁଥିଲେ ଏବଂ ପୋଲିସକୁ ଦେଖି ସେମାନେ ଫେରାର୍ ହେବାପାଇଁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ଗୋଡାଇଥିଲା। ହେଲେ ସେମାନେ ନିର୍ମାଣାଧିନ ରାସ୍ତା କଡରେ ଲୁଚି ଯାଇଥିବା



ବେଳେ ପୋଲିସ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ପ୍ରଥମେ ପୋଲିସ ଉପରକୁ ବୋମା ଫିଙ୍ଗିବାସହ ଦୁଇ ରାଉଣ୍ଡ୍ ଗୁଳି ଚଳାଇଥିଲେ। ଏହାର ଜବାବରେ ପୋଲିସ ମଧ୍ୟ ସେମାନଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚଳାଇଥିଲା। ଯେଉଁଥିରେ ଦୁର୍ଦ୍ଧାନ୍ତ ଅପରାଧୀ ସୁର୍ଯ୍ୟର ବାମ ଗୋଡରେ ଗୁଳି ବାଜିଥିଲା ଏବଂ ଅନ୍ୟ ଦୁଇଜଣ ଫେରାର୍ ହୋଇଯାଇଥିଲେ। ଫେରାର୍ ଅଭିଯୁକ୍ତ ମାନଙ୍କର ମଧ୍ୟ ପରିଚୟ ମିଳିଛି। ତେବେ ସୁର୍ଯ୍ୟକାନ୍ତକୁ ପ୍ରଥମେ ଅଠରବାଙ୍କି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ତା ନିକଟରୁ ଏକ ଅଫୁଟା ବୋମା, ଗୋଟିଏ ପିସ୍ତଲ, ଜିବନ୍ତ ଗୁଳି ଓ ଖୋକା ଜବତ ହୋଇଛି। ତେବେ ଅଭିଯୁକ୍ତ ସୁର୍ଯ୍ୟ ନାଁରେ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ତେବେ ସେମାନେ କୌଣସି ଏକ ବଡ ଧରଣର ଅପରାଧ କରିବାକୁ ଆସିଥିବାର ପୋଲିସ ଅନୁମାନ କରୁଛି। ଅନ୍ୟପଟେ ଘଟଣା ସ୍ଥଳରେ ସାଇଂଟିଫିକ୍ ଟିମ୍ ପହଁଚି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀ ...

ବିଶିଷ୍ଟ କରିବା ସହିତ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାର ଟେଣ୍ଡର ଚୂଡାନ୍ତ କରିସାରିଛନ୍ତି। ତେବେ ପାଞ୍ଚମାସର କାର୍ଯ୍ୟ ବିଳମ୍ବକୁ ନେଇ ଶାସକ ବିଜେଡିର ଏଭଳି ଆଭିମୁଖ୍ୟ ବିଜେପିକୁ ଘାଇଲା କରିଛି। ତେଣୁ ବିଜେଡିର ବ୍ରାହ୍ମଣୀ ଅସ୍ତ୍ରକୁ ପ୍ରତିହତ କରିବାକୁ ଯାଇ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ କୋଏଲ ବାଣ ମାରିଛି। ବିଜେପି କହିଛି ମୁଖ୍ୟମନ୍ତ୍ରୀ ରାଜନୀତି ସର୍ବସ୍ୱ ଘୋଷଣା କରୁଛନ୍ତି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପାଇଁ ବିଜେପି ବିଧାୟକ ଦିଲ୍ଲୀପ ରାୟ ଲଗାତାର ଦାବି କରିବା ଯୋଗୁଁ ଏଥିପାଇଁ ବାଟ ଫିଟିଛି। ହେଲେ ଏହାକୁ ନେଇ ବିଜେଡି ବ୍ରାହ୍ମଣୀକୁ ରାଜନୈତିକ ଅସ୍ତ୍ର କରିବା ଦ୍ୱାରା ବିବାଦ ବଢୁଛି। ତେଣୁ ବିଜେପି ମନେ ପକାଇ ଦେଇଛି ଯେ, ବ୍ରାହ୍ମଣୀ ପରି ରାଉରକେଲା ବିକାଶରେ କୋଏଲ ନଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ୨୦୧୩ ମସିହା ଜୁଲାଇ ୯ ତାରିଖରେ କୋଏଲ ନଦୀ ଉପରେ ବ୍ୟାରେଜ ଓ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତବେଳେ ଉଦ୍‌ବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ପାଇଁ ୪୪୬ କୋଟି ଟଙ୍କା ବିନିଯୋଗ ହେବ। ଫଳରେ ଆଗାମୀ ଦିନରେ ରାଉରକେଲାବାସୀଙ୍କ ଜଳ ସମସ୍ୟା ଆଉ ରହିବନାହିଁ। ହେଲେ ବ୍ରାହ୍ମଣୀ ସେତୁକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖୁଥିଲା ବେଳେ ନିଜ ଦାୟିତ୍ୱରେ ଥିବା ରାଜ୍ୟର ଜଳ ସମ୍ପଦ ବିଭାଗ କୋଏଲ ବ୍ୟାରେଜ ଓ ସେତୁ ପ୍ରକଳ୍ପ ନିମନ୍ତେ ଏଯାଏ ଟେଣ୍ଡର କରାଇ ପାରିନାହାନ୍ତି। ହେଲେ କେନ୍ଦ୍ର ସରକାର ବ୍ରାହ୍ମଣୀ ଦ୍ୱିତୀୟ ସେତୁର କାର୍ଯ୍ୟ ପାଇଁ ଠିକାଦାରଙ୍କୁ ନିଯୁକ୍ତି ଦେଇସାରିଛି। ତେଣୁ ବ୍ରାହ୍ମଣୀ ଓ କୋଏଲକୁ ନେଇ ବିଜେଡି-ବିଜେପି ମଧ୍ୟରେ ନୂଆ ବିବାଦ ରାଜନୀତିରେ ଭିନ୍ନମୋଡ଼ ନେଉଛି। କେନ୍ଦ୍ର ସତ କହୁଛି କି ରାଜ୍ୟ ସତ କହୁଛି ଏହାକୁ ନେଇ ବିଧାନସଭାରେ ମଧ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ଏଥିରେ ରାଉରକେଲାବାସୀଙ୍କ ସ୍ୱାର୍ଥ ଅପେକ୍ଷା ରାଜନୀତି ବେଶୀ ବୋଲି ଚାରିଆଡେ ଚର୍ଚ୍ଚା ହେଉଛି।

### ଜାରି ହେବ ...

ନେଇ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଉପରେ ଧାର୍ଯ୍ୟ ହୋଇଥିବା ଜୋରିମାନାରୁ ଏହାକୁ ବାଦ୍ ଦିଅନ୍ତୁ। ଯେଉଁ ଖଣି ଲିଜ୍‌ଧାରୀମାନେ ୨୦୦୦-୦୧ରୁ ଆଜି ପର୍ଯ୍ୟନ୍ତ ବିକ୍ରି କରିଥିବା (ଉଭୟ ଆଇନତଃ ଓ ବେଆଇନ ଭାବେ ସଂଗୃହୀତ) ମୋଟ୍ ଲୁହାପଥର ପରିମାଣ ଯଦି ପରିବେଶ କ୍ଲିଅରାନ୍ସ ସର୍ତ୍ତାବଳୀ ଅନୁଯାୟୀ ଦର୍ଶାଯାଇଥିବା ବେଆଇନ ସଂଗୃହୀତ ପରିମାଣଠାରୁ ଅଧିକ ହୁଏ ତା’ହେଲେ ସମ୍ପୃକ୍ତ ଲିଜ୍‌ଧାରୀ ୨୦୦୦-୦୧ରୁ ୨୦୧୦-୧୧ ମଧ୍ୟରେ ବିକି ଥିବା ସମସ୍ତ ଲୁହାପଥରକୁ ବେଆଇନ ବୋଲି ଧରାଯିବ। ସେଭଳି ଲିଜ୍‌ଧାରୀଙ୍କୁ ଏମ୍‌ଏମ୍‌ଡିଆର ଆକ୍ଟ-୧୯୫୭ର ଧାରା-୨୧(୫) ଆଧାରରେ ପୂର୍ଣ୍ଣ ପରିମାଣର କ୍ଷତିପୂରଣ ଦେବାକୁ ପଡ଼ିବ। ସିଇସି ତାଙ୍କ ଗାଇଡ୍‌ଲାଇନ୍‌ରେ କହିଛନ୍ତି ଯେ ଡିମାଣ୍ଡ୍ ନୋଟିସ୍ ପାଇଥିବା ପ୍ରତ୍ୟେକ ଲିଜ୍‌ଧାରୀଙ୍କ ଖଣିରେ ପୂର୍ବରୁ ଜବତ୍ ହୋଇ ରହିଥିବା ଖଣିଜ ସାମଗ୍ରୀର ପରିମାଣକୁ ଆକଳନ କରାଯାଇ ସେହି ଆଧାରରେ ସଂଶୋଧିତ ଡିମାଣ୍ଡ୍ ନୋଟିସ୍ ଜାରି କରାଯିବ। ପଡ଼ି ରହିଥିବା ଖଣିଜ ସାମଗ୍ରୀକୁ ଏକ ଟିମ୍ ଦ୍ୱାରା ଯାଞ୍ଚ କରିବା ପାଇଁ ସିଇସି କହିଛନ୍ତି। ଏହି ଟିମ୍‌ରେ ଖଣି ବିଭାଗ, ଜଙ୍ଗଲ ବିଭାଗ, ଓଏମ୍‌ସି(ଇ-ନିଲାମୀ ପାଇଁ ଅଧିକୃତ ଏଜେନ୍ସି), ଅନୁମୋଦିତ କେମିକାଲ ଆନାଲିସିସ୍ ଲ୍ୟାବ୍, ଆଇବିଏମ୍ ଓ ଲିଜ୍‌ଧାରୀଙ୍କ ପ୍ରତିନିଧି ସାମିଲ ରହିବେ। ଏହି ଟିମ୍ ଅତିକମ୍‌ରେ ୪ଟି ନମୁନା ସଂଗ୍ରହ କରିବ। ଗୋଟିଏ ନମୁନା କେମିକାଲ ଲ୍ୟାବ୍‌କୁ ଓ ବାକିଗୁଡ଼ିକ ଖଣି ବିଭାଗ, ଓଏମ୍‌ସି ଓ ଜଙ୍ଗଲ ବିଭାଗ ପାଖରେ ରହିବ। ଏସବୁ ନମୁନା ନିଶ୍ଚିତ ଭାବେ ସିଲ୍ ହୋଇ ରହିବ ଓ ଟିମ୍‌ର ସମସ୍ତ ସଦସ୍ୟ ସିଲ୍‌ରେ ସ୍ୱାକ୍ଷର କରିବେ। ଏହି ଟିମ୍‌ର ମିଳିତ ଯାଞ୍ଚ ପରେ ଲିଜ୍‌ଧାରୀଙ୍କୁ ନିଜ ଖଣିରେ ପୁନଃଖନନ ଅନୁମତି ମିଳିପାରିବ। କିନ୍ତୁ ତାଙ୍କୁ ସମସ୍ତ ବୈଧାନିକ ଅନୁମତି ନେବାକୁ ପଡ଼ିବ ଓ ପଡ଼ି ରହିଥିବା ଖଣିଜ ସାମଗ୍ରୀକୁ ସମ୍ପୂର୍ଣ୍ଣ ଭାବେ ସରକାରଙ୍କୁ ହସ୍ତାନ୍ତର କରିବାକୁ ହେବ। ଲିଜ୍‌ଧାରୀଙ୍କ ବାଲାନ୍ସ ଷ୍ଟକ୍‌ରେ ଥିବା ପରିମାଣଠାରୁ ଖଣିରେ ଥିବା ପରିମାଣ ଅଧିକ ହେଲେ ତାହା ସରକାରଙ୍କ ସମ୍ପତ୍ତି ଭାବେ ବିବେଚନା କରାଯିବ। ଏହି ଯାଞ୍ଚ ପ୍ରକ୍ରିୟା ୨୦୧୮ ଫେବୃଆରୀ ୨୮ତାରିଖ ସୁଦ୍ଧା ଶେଷ କରିବାକୁ ସିଇସି କହିଛନ୍ତି। ଏହି ଅବଧି ପରେ କୌଣସି ଲିଜ୍‌ଧାରୀଙ୍କୁ ନିଜ କ୍ଷତିପୂରଣ ରାଶି ହ୍ରାସର ସୁଯୋଗ ମିଳିବ ନାହିଁ ଓ ତାଙ୍କ ଦ୍ୱାରା ଗଚ୍ଛିତ ଥିବା ଖଣିଜ ସାମଗ୍ରୀର ପୂର୍ଣ୍ଣ ପରିମାଣ ଉପରେ ୨୦୧୭ ଡିସେମ୍ବର ୩୧ରୁ ୧୪% ସୁଧ ସହ ଦେବାକୁ ବାଧ୍ୟ ହେବେ। ସିଇସିଙ୍କ ନିକଟରେ ୨୮ ଓ ୨୯ତାରିଖରେ ହାଜର ହୋଇଥିବା ସମସ୍ତ ଖଣି ନିଜର ଉତ୍ପାଦନର ବିସ୍ତୃତ ତଥ୍ୟ ଦାଖଲ କରିଥିଲେ। ତେବେ ଖଣି ନିର୍ଦ୍ଦେଶକ ତାଙ୍କ ପାଖରେ ଥିବା ସରକାରୀ ରେକର୍ଡ ସହ ଲିଜ୍‌ଧାରୀମାନେ ସିଇସିଙ୍କ ପାଖରେ ଦାଖଲ କରିଥିବା ଗଚ୍ଛିତ ଖଣିଜ ପରିମାଣର ରେକର୍ଡର ତୁଳାନାତ୍ମକ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି।

### ପ୍ରସ୍ତୁତ ...

ବେଳେ ଏବେ ଚନ୍ଦ୍ର ଅଭିମୁଖେ ୨ୟ ମିଶନ୍ ଚନ୍ଦ୍ରୟାନ-୨ ପଠାଇବା ପାଇଁ ପ୍ରସ୍ତୁତ ହେଉଛି। ଇସ୍ରୋ ତା’ର ପ୍ରଥମ ଲୁନାର୍ ରୋଭର୍ ଅବତରଣ କରିବା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ଚନ୍ଦ୍ର ଗବେଷଣା ପ୍ରକଳ୍ପର ଏକ ଅଂଶବିଶେଷ। ୨୦୦୮ରେ ଶ୍ରୀହରିକୋଟାରୁ ଚନ୍ଦ୍ରୟାନ-୧ ଲଞ୍ଚ୍ କରାଯାଇଥିଲା। ୮୩ ନିୟୁତ ଡଲାରର ଏହି ପ୍ରକଳ୍ପ ଭାରତ ପାଇଁ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଇସ୍ରୋର ୫ଫୁଟ୍ ଢ ୫ଫୁଟ୍ କ୍ୟୁବ୍ ଚନ୍ଦ୍ର କକ୍ଷପଥରେ ସ୍ଥାପନ କରାଯାଇଥିଲା, ଯାହାକି ଚନ୍ଦ୍ରପୃଷ୍ଠର ଫାଟ ଆବିଷ୍କାର କରିଥିଲା। ତେବେ ୨୦୦୮ ନଭେମ୍ବରରେ ଏହି ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ଧକ୍କା ଖାଇ ନଷ୍ଟ ହୋଇଯାଇ ଥିଲା। ୨୦୧୬ରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ଏହାକୁ ଠାବ କରିଥିଲା। ଇସ୍ରୋର ବୈଜ୍ଞାନିକମାନେ ଏଥର ମିଶନ ପାଇଁ ୩ଟି ମାନବ ବିହୀନ ଯାନ ପ୍ରସ୍ତୁତ କରୁଛନ୍ତି। ଗୋଟିଏ ଅର୍ବିଟର୍ ଯାନ, ଯାହାକି ଚନ୍ଦ୍ରପୃଷ୍ଠ ଉପରେ ଘୂରିବ। ଏହାଛଡ଼ା ପ୍ଲସ୍‌ରୋଭର୍ ଓ ଏକ ଲ୍ୟାଣ୍ଡିଂରୋଭର୍ ପ୍ରସ୍ତୁତ କରାଯାଉଛି। ଏହି ମିଶନ୍‌ରେ ୬ ଚକ ବିଶିଷ୍ଟ ରୋଭର୍ ପଠାଯିବ। ଏହି ରୋଭର୍ ଚନ୍ଦ୍ରପୃଷ୍ଠରେ ଅବତରଣ କରି ଭୂପୃଷ୍ଠର କମାଣ୍ଡ୍ ମୁତାବକ କାର୍ଯ୍ୟ କରିବ। ରୋଭର୍‌ର ଯନ୍ତ୍ରପାତି ଜରିଆରେ ଚନ୍ଦ୍ରପୃଷ୍ଠ ଅନୁଧ୍ୟାନ କରାଯିବ ଏବଂ ଏଥିରୁ ତଥ୍ୟ ଆହରଣ କରାଯିବ। ଏହାଦ୍ୱାରା ଚନ୍ଦ୍ରପୃଷ୍ଠର ମୃତ୍ତିକା ସମ୍ପର୍କରେ ତଥ୍ୟ ହାସଲ କରାଯାଇ ପାରିବ। ଇସ୍ରୋର ସୂଚନା ଅନୁଯାୟୀ ଚକ ଲାଗିଥିବା ରୋଭର୍ ଚନ୍ଦ୍ରପୃଷ୍ଠରେ ଗତି କରି ରାସାୟନିକ ଅନୁସନ୍ଧାନରେ ସହାୟକ ହେବ। ଚନ୍ଦ୍ରୟାନ-୨ ଅର୍ବିଟର୍ ଜରିଆରେ ତଥ୍ୟ ପୃଥିବୀକୁ ପଠାଯିବ। ୩୨୯୦ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଚନ୍ଦ୍ରୟାନ-୨ ଭାରତର ୨ୟ ଚନ୍ଦ୍ର ମିଶନ୍।

### ଗ୍ରାହକଙ୍କୁ ...

ନିଆଗଲା ତାହା କେନ୍ଦ୍ର ସରକାରଙ୍କୁ ଯଥାଶୀଘ୍ର ଜଣାଇବାକୁ ମଧ ସେ କହିଥିଲେ। ଏହା ପୂର୍ବରୁ ଥାନେ ପୁଲିସ୍ କମିଶନର ଓଡ଼ିଶାର ଯେଉଁ ୮୬ଟି ପେଟ୍ରୋଲ ପମ୍ପ୍‌ରେ ଏଭଳି ଠକେଇ ଚାଲିଛି ତା’ର ତାଲିକା ଓଡ଼ିଶା ଓଜନ ଓ ମାପ ନିୟନ୍ତ୍ରକ ଏବଂ ଓଡ଼ିଶା ପୁଲିସ୍ ଡିଜିଙ୍କୁ ସେପ୍ଟେମ୍ବର ଶେଷ ସପ୍ତାହରେ ପଠାଇଥିଲେ। କିନ୍ତୁ ଏହି ସୂଚନା ସତ୍ତ୍ୱେ ରାଜ୍ୟ ସରକାର ସମ୍ପୃକ୍ତ ଅସାଧୁ ଡିଲର୍‌ଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇନାହାନ୍ତି। ଓଲଟା ସେମାନଙ୍କୁ ଖସିଯିବା ପାଇଁ ପରୋକ୍ଷରେ ସୁଯୋଗ ଦିଆଯାଇଛି। ଏତେଦିନ ଧରି ଚୁପ୍ ବସିବା ପରେ ରାଜ୍ୟ ଖାଉଟି ବ୍ୟାପାର ଯୁଗ୍ମ ସଚିବ ଧୀରେନ୍ଦ୍ର କୁମାର ସାହୁ ଗତ ଶୁକ୍ରବାର ଓଡ଼ିଶା ଓଜନ ଓ ମାପ ନିୟନ୍ତ୍ରକଙ୍କୁ ଚିଠି ଲେଖି ଉକ୍ତ ୮୬ଟି ପେଟ୍ରୋଲ ପମ୍ପ୍ ଉପରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜଣାଇବାକୁ କହିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଏବେ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରେ ଚଢ଼ଉ କରାଯିବ। ଯେଉଁ ପେଟ୍ରୋଲ୍ ପମ୍ପ୍‌ରେ ଠକେଇ ହୋଇଥିବା ଜଣାପଡ଼ିବ ତାହା କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ। ଏହାବ୍ୟତୀତ ସମ୍ପୃକ୍ତ ପେଟ୍ରୋଲ ଡିଲର୍‌ଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ମଧ୍ୟ ସୁପାରିସ୍ କରାଯିବ।

ସୂଚନାଥାଉ କି, ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ଉତ୍ତରପ୍ରଦେଶରୁ ଡମ୍ବୁରଧର ଲାଲମ୍ୟାନ୍ ମହାନ୍ତ ନାମକ ଜଣେ ଅଭିଯୁକ୍ତକୁ କ୍ରାଇମ୍‌ବ୍ରାଞ୍ଚ୍ ଗିରଫ କରିଥିଲା। ତାକୁ ଜେରା କରାଯିବା ପରେ ସେ ଡିଲର୍‌ଙ୍କ ଅନୁରୋଧରେ ଓଡ଼ିଶାର ୯୦ଟି ପେଟ୍ରୋଲ୍ ପମ୍ପ୍‌ରେ ଏଭଳି ଚିପ୍‌ସ ଲଗାଇଥିବା ସ୍ୱୀକାର କରିଥିଲା ଓ ସେଥିରୁ ୮୬ଟି ପେଟ୍ରୋଲ ପମ୍ପ୍‌ର ତାଲିକା ମଧ ପ୍ରଦାନ କରିଥିଲା। ଏଥିପାଇଁ ଏକ ର୍‍ୟାକେଟ୍ କାର୍ଯ୍ୟ କରୁଥିବା ସେ ପୁଲିସ୍‌କୁ ସୂଚନା ଦେଇଥିଲା। ଏହା ପୂର୍ବରୁ ଥାନେର ମନ୍‌ପଦା ପୁଲିସ୍ ଷ୍ଟେସନ୍ ପ୍ରଥମଥର ପାଇଁ ପେଟ୍ରୋଲ୍ ପମ୍ପ୍‌ରେ ଚିପ୍‌ସ ଲଗାଇ ଗ୍ରାହକଙ୍କୁ ଠକାଯାଉଥିବାର ଏକ ର୍‍ୟାକେଟ୍‌କୁ ଠାବ କରିଥିଲା। ଏହି ର୍‍ୟାକେଟ୍‌ର ମୁଖ୍ୟ ମାଷ୍ଟର୍‌ମାଇଣ୍ଡ୍ ଡମ୍ବୁରଧର ଲାଲମ୍ୟାନ୍ ମହାନ୍ତଙ୍କୁ ଗିରଫ କରାଯିବା ପରେ ସେ ଏହି ତାଲିକା ଦେଇଥିବା ଜଣାପଡ଼ିଛି।

### ଫେବୃଆରୀ ...

ଯଦି ଏ କ୍ଷେତ୍ରରେ କୌଣସି ଅସୁବିଧା ଉପୁଜେ, ତାହାହେଲେ କୋର୍ଟ ରେଜିଷ୍ଟ୍ରି ସହ ପରାମର୍ଶ କରିବାକୁ କହିଛନ୍ତି ଖଣ୍ଡପୀଠ। ଉଲ୍ଲେଖଯୋଗ୍ୟ ଯେ, ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଏହି ବିବାଦୀୟ ସ୍ଥଳକୁ ହିନ୍ଦୁ ଓ ମୁସ୍‌ଲିମ୍ ମଧ୍ୟରେ ବାଣ୍ଟିନେବାକୁ ରାୟ ଦେଇଥିଲେ। ହିନ୍ଦୁଙ୍କୁ ଦୁଇତୃତୀୟାଂଶ ଜମି ଦିଆଯିବା ଲାଗି ହାଇକୋର୍ଟଙ୍କ ଫୈସଲାକୁ ସୁପ୍ରିମକୋର୍ଟରେ ବିଭିନ୍ନ ସଂଗଠନ ପକ୍ଷରୁ ଚ୍ୟାଲେଞ୍ଜ୍ କରାଯାଇଛି। ଷୋଡ଼ଶ ଶତାବ୍ଦୀର ବିବାଦୀୟ ବାବ୍ରି ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ ଭାଙ୍ଗି ଦିଆଯାଇଥିଲା। ଏହି ଘଟଣାକୁ ୨୫ ବର୍ଷ ପୂରିବା ଦିନକ ଆଗରୁ ସୁପ୍ରିମକୋର୍ଟର ୩ ଜଣିଆ ଖଣ୍ଡପୀଠରେ ଏ ସମ୍ପର୍କରେ ଶୁଣାଣି ବେଳେ ସୁନି ୱାକଫ୍ ବୋର୍ଡ ଶୁଣାଣିକୁ ୨୦୧୯ ସାଧାରଣ ନିର୍ବାଚନ ପରକୁ ଘୁଞ୍ଚାଇ ଦିଆଯିବାକୁ କହିବାରୁ କୋର୍ଟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ସୁନି ବୋର୍ଡ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ୍ ତଥା କଂଗ୍ରେସ ନେତା କପିଲ ଶିବଲ୍ ଯୁକ୍ତି କରିଥିଲେ ଯେ, ଶାସକ ବିଜେପିର ଇସ୍ତାହାରରେ ରାମ ମନ୍ଦିର ନିର୍ମାଣ ସ୍ଥାନ ପାଇଥିବାରୁ ଏ ସମ୍ପର୍କରେ ଶୁଣାଣିକୁ ଘୁଞ୍ଚାଇ ଦିଆଯିବା ଉଚିତ ହେବ। ବିଜେପି ନେତା ଡକ୍ଟର ସୁବ୍ରମଣିଅନ୍ ସ୍ୱାମୀ ୨୦୧୯ ସୁଦ୍ଧା ରାମମନ୍ଦିର ନିର୍ମାଣ ହେବ ବୋଲି କହିଥିବା ଶିବଲ୍ ଦର୍ଶାଇଥିଲେ। ମୁସ୍‌ଲିମ୍ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ୍ ଦୁଶ୍ୟନ୍ତ ଡାଭେ ଓ ରାଜୀବ ଧାୱନ୍ ମଧ୍ୟ କୋର୍ଟରେ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ଏହି ସମୟରେ କପିଲ ଶିବଲଙ୍କୁ ଦୃଢ଼ ବିରୋଧ କରିଥିଲେ ହିନ୍ଦୁ ସଂଗଠନଗୁଡ଼ିକର ଓକିଲ ହରୀଶ ସାଲ୍‌ଭେ ଓ ସିଏସ୍ ବୈଦ୍ୟନାଥନ୍। ସେମାନେ ଦର୍ଶାଇଥିଲେ ଯେ, ଅନ୍ୟ ମାମଲା ପରି ଅଯୋଧ୍ୟା ମାମଲାକୁ ବିଚାର କରାଯାଉ। ୨୦୧୦ରୁ ମାମଲା ବିଚାରାଧୀନ ଅବସ୍ଥାରେ ପଡ଼ିରହିଛି। ଏବେ ଶୁଣାଣିକୁ ଘୁଞ୍ଚାଇବା ପାଇଁ ଦାବି କରାଯିବା ଦୁର୍ଭାଗ୍ୟଜନକ। ଏହି ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ର କହିଥିଲେ, “ଆମେ ଏଥିରେ ମର୍ମାହତ ଓ ବିସ୍ମିତ। ବାହାରେ କ’ଣ ଘଟୁଛି, ସେଥିରେ ବିଚାରପତିଙ୍କର ଯାଏଆସେ ନାହିଁ। ଗତ ଅଗଷ୍ଟ ମାସରେ ସମସ୍ତେ ଚାହିଁଥିଲେ ଜାନୁଆରୀରେ ଶୁଣାଣି ହେଉ। ଆମେ ଆଜି ଶୁଣାଣିକୁ ଫେବୃଆରୀ ପର୍ଯ୍ୟନ୍ତ ସ୍ଥଗିତ ରଖୁଛୁ।” ୨୦୧୦ରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ବିବାଦୀୟ ସ୍ଥଳକୁ ହିନ୍ଦୁ-ମୁସ୍‌ଲିମ୍‌ଙ୍କ ମଧ୍ୟରେ ବଣ୍ଟନ ପାଇଁ ରାୟ ଦେଇଥିଲେ। ହିନ୍ଦୁଙ୍କୁ ଦୁଇତୃତୀୟାଂଶ ଦିଆଯିବାକୁ ଏଥିରେ କୁହାଯାଇଥିଲା। କିନ୍ତୁ ଏହି ବିବାଦରେ ସମ୍ପୃକ୍ତ ଉଭୟ ହିନ୍ଦୁ ଓ ମୁସ୍‌ଲିମ୍ ସଂଗଠନ ଏହାକୁ ଗ୍ରହଣ ନ କରି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ଏହି ବିବାଦର କୋର୍ଟ ବାହାରେ ସମାଧାନ କରାଯିବାକୁ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ କହିଥିଲେ। ସୁନି ୱାକଫ୍ ବୋର୍ଡକୁ ଏକତୃତୀୟାଂଶ ଜମି ଦିଆଯିବାକୁ ଆହ୍ଲାବାଦ ହାଇକୋର୍ଟ ରାୟ ଶୁଣାଇଥିଲା ବେଳେ ସିହା ୱାକଫ୍ ବୋର୍ଡ ବିବାଦୀୟ ସ୍ଥାନରେ ମନ୍ଦିର ଓ ଲକ୍ଷ୍ନୌରେ ମସ୍‌ଜିଦ୍ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଛି। ଇତିମଧ୍ୟରେ ବିଜେପି ରାମ ମନ୍ଦିର ନିର୍ମାଣ ପାଇଁ ଆଗଭର ହୋଇଛି।

**ଓଡ଼ିଶାର ଅତୀତକୁ ନେଇ ଆମେ ଗର୍ବ କରୁଥିବା ବେଳେ ଅବହେଳାରୁ କ୍ରମଶଃ ଫିକା ପଡି ଆସୁଛି ସେହି ଐତିହ୍ୟର ରଙ୍ଗ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ନବମ ଶତାବ୍ଦୀରେ ନିର୍ମିତ ସୁବର୍ଣ୍ଣପୁର ଜିଲ୍ଲା ହରଡଖୋଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୈଦ୍ୟନାଥ ଗ୍ରାମରେ ଅବସ୍ଥିତ କୋଶଳେଶ୍ୱର ମନ୍ଦିର। ରାଜ୍ୟରେ ଅବଲୁପ୍ତ ହୋଇଯାଉଥିବା ଓ ଅବହେଳାର ନିଦର୍ଶନ ସ୍ୱରୂପ ମନ୍ଦିରମାନଙ୍କ ମଧ୍ୟରୁ ଏହା ଅନ୍ୟତମ। ଅବହେଳାର ନିଦର୍ଶନ ପାଲଟିଥିବା ଏହି ନବମ ଶତାବ୍ଦୀରେ ନର୍ମିତ ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର ସମ୍ପର୍କରେ ସୁବର୍ଣ୍ଣପୁରରୁ ଉଗ୍ରସେନ କର୍ମୀଙ୍କ ବିଶେଷ ଉପସ୍ଥାପନା।**

# ବିଳୟ ପଥେ ୯ମ ଶତାବ୍ଦୀର
# କୋଶଳେଶ୍ୱର ମନ୍ଦିର


ନୂତନ ଭାବରେ ଗଢ଼ି ଉଠିଥିବା ମନ୍ଦିର

**ପ**ଶ୍ଚିମ ଓଡ଼ିଶାର ସବୁର୍ଣ୍ଣପୁର ଜିଲ୍ଲାରେ ପ୍ରବାହିତ ହେଉଥିବା ତେଲନଦୀ କୂଳରେ ବିରାଜିତ ବୈଦ୍ୟନାଥ ଗ୍ରାମର ଶ୍ରୀଶ୍ରୀ କୋଶଳେଶ୍ୱର ଶିବ ମନ୍ଦିର ଏବଂ ସୋନପୁରସ୍ଥ ସୁବର୍ଣ୍ଣମେରୁ ଶିବ ମନ୍ଦିର ବେଶ ପ୍ରସିଦ୍ଧ। ସ୍ଥାପତ୍ୟ କଳା ଏବଂ ଐତିହାସିକ ଦୃଷ୍ଟିକୋଣରୁ ବୈଦ୍ୟନାଥ ଗ୍ରାମର ଶ୍ରୀଶ୍ରୀକୋଶଳଶ୍ୱେର ଶିବ ମନ୍ଦିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁବର୍ଣ୍ଣପୁର ଜିଲ୍ଲାର ହରଡଖୋଲ ଗ୍ରାମ ପଞ୍ଚାୟତରେ ଏହି ବୈଦ୍ୟନାଥ ଗ୍ରାମ ଅବସ୍ଥିତ। ସୋନପୁର-ବଲାଙ୍ଗିର ରାସ୍ତାରେ ସୋନପୁର ଠାରୁ ପ୍ରାୟ ୧୨ କିଲୋମିଟର ଯିବା ପରେ ବୈଦ୍ୟନାଥ ଗ୍ରାମ ଦେଖିବାକୁ ମିଳେ। ଗ୍ରାମର ଶେଷ ମୁଣ୍ଡରେ ଥିବା ତେଲନଦୀ କୂଳସ୍ଥ ଏକ ମନୋରମ ପରିବେଶ ମଧ୍ୟରେ ଶ୍ରୀଶ୍ରୀ କୋଶଳେଶ୍ୱର ଶିବ ମନ୍ଦିର ଅବସ୍ଥିତ। ଗ୍ରାମବାସୀ ତଥା ଐତିହାସିକ ମାନଙ୍କ ମତରେ ତତ୍‌କାଳୀନ ରାଜାମାନଙ୍କ ଦ୍ୱାରା ଦୁଇଟି ଶିବ ମନ୍ଦିର ବୈଦ୍ୟନାଥ ଗ୍ରାମରେ ନିର୍ମିତ ହୋଇଥିଲା, ଯାହାକି ଶ୍ରୀଶ୍ରୀ କୋଶଳେଶ୍ୱର ଏବଂ କାଳେଶ୍ୱର ମନ୍ଦିର ନାମରେ ପ୍ରସିଦ୍ଧ ଲାଭ କରିଛି। ତେଲନଦୀରେ ପ୍ରତିବର୍ଷ ଆସୁଥିବା ପ୍ରବଳ ବନ୍ୟା ଫଳରେ ମାଟି ଅତଡା ଧସି ପଡୁଥିବା ଯୋଗୁଁ ତଥା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପ୍ରସିଦ୍ଧ କାଳେଶ୍ୱର ମନ୍ଦୀ ନଦୀର କରାଳ ଗର୍ଭରେ ଆଜି ନିଶ୍ଚିହ୍ନ ହୋଇଯାଇଛି। ପ୍ରସିଦ୍ଧ କାଳେଶ୍ୱର ମନ୍ଦିରର ଆଲୋକ ଚିତ୍ର ଐତିହାସିକ ସଦାନନ୍ଦ ଅଗ୍ରୱାଲଙ୍କ 'ସୋନପୁର ଇତିହାସ'ରେ ଦେଖିବାକୁ ମିଳେ। ୁପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ତଥା ଗ୍ରାମବାସୀଙ୍କ ଅଜ୍ଞାତ ହେତୁ ପ୍ରସିଦ୍ଧ କାଳେଶ୍ୱର ମନ୍ଦିରର ଅବଶିଷ୍ଟ ଧ୍ୱଂସାବଶେଷ ଖରା, ବର୍ଷା, ଶୀତ କାକର ଏବଂ ପବନ ଆଘାତରେ କ୍ଷୟ ହେଉଛି। ହିନ୍ଦୁ ଧର୍ମଶାସ୍ତ୍ର ତଥା ଲୋକମତ ଅନୁସାରେ ମନ୍ଦିରରେ ବ୍ୟବହୃତ ପଥରରେ ପାଦ ଘଷିବା ଅମଙ୍ଗଳ ହୋଇଥିଲେ ସୁଦ୍ଧା ତେଲନଦୀର ଗାଧୁଆ ତୁଠରେ ମଧ୍ୟ ଏହି ପଥରକୁ ବ୍ୟବହାର କରାଯାଉଛି। ଏପରିକି ବୈଦ୍ୟନାଥ ଗ୍ରାମର ବିଭିନ୍ନ ସ୍ଥାନରେ ଅନେକ ପଥର ଦେଖିବାକୁ ମିଳେ। ପଥର ଗୁଡିକ ସଂଗ୍ରହ କରି ମନ୍ଦିର ପରିସରରେ ଏକତ୍ର କରି ପାରିଲେ ଭବିଷ୍ୟତରେ ଅନେକ କାର୍ଯ୍ୟରେ ବ୍ୟବହାର କରାଯାଇ ପାରନ୍ତା। ବୈଦ୍ୟନାଥ ଗ୍ରାମରେ ଗଢ଼ିଉଂଥିବା ମନ୍ଦିର ଦ୍ୱୟର ନିର୍ମାଣ କର୍ତ୍ତା ତଥା ନିର୍ମାଣ କାଳ ଉପରେ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପ୍ରଦାନ କରୁଥିବା ଦେଖାଯାଏ। ବିଶିଷ୍ଟ ଐତିହାସିକ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଏବଂ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ ଏହି ମନ୍ଦିର ଦ୍ୱୟର ନିର୍ମାଣକାଳ ଖ୍ରୀଷ୍ଟୀୟ ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀ ହୋଇଥିବା ବେଳେ ଐତିହାସିକ ସଦାନନ୍ଦ ଅଗ୍ରୱାଲଙ୍କ ମତରେ ଖ୍ରୀଷ୍ଟିୟ ନବମ କିମ୍ବା ଦଶମ ଶତାବ୍ଦୀ। ଡଃ ନବୀନ କୁମାର ସାହୁ ଏବଂ ଅନ୍ୟ ଐତିହାସିକଙ୍କ ମତରେ ଏହି ମନ୍ଦିର ଦ୍ୱୟ ଗଙ୍ଗ ପୂର୍ବବର୍ତ୍ତୀ ତେଲଗୁ ଚୋଡ ରାଜବଂଶ ଦ୍ୱାରା ନିର୍ମିତ କିନ୍ତୁ ଶ୍ରୀ ଅଗ୍ରୱାଲଙ୍କ ମତରେ ଏହା ସୋମବଂଶୀ ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ବୈଦ୍ୟନାଥ ଗ୍ରାମର କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ବିଶ୍ୱାସ ଶ୍ରୀଶ୍ରୀ କୋଶଳେଶ୍ୱର ମନ୍ଦିର ନିର୍ମାଣ ବିଶ୍ୱକର୍ମୀଙ୍କ ଦ୍ୱାରା କରାଯାଇଛି। ଏଠାରେ ଥିବା ଦୁଇଟି ଶିଳାଲେଖର ଲିପି ନବମ ଶତାବ୍ଦୀର ପୂର୍ବ ଭାରତୀୟ ଲିପି। ବୈଦ୍ୟନାଥର ଶ୍ରୀଶ୍ରୀକୋଶଳେଶ୍ୱର ମନ୍ଦିରରେ ଥିବା ମାତଙ୍ଗୀ ମହଲକ୍ଷ୍ମୀ ମୂର୍ତ୍ତି ଏକଦା ପ୍ରାଚୀନ ସୋମବଂଶୀ ରାଜାଙ୍କର ଗୃହଲକ୍ଷ୍ମୀ ଭାବରେ ପୂଜା ପାଉଥିଲେ। ବିଶିଷ୍ଟ ଐତିହାସିକ ବିଜୟ ଚନ୍ଦ୍ର ମହୁମ୍‌ଦାର ତାଙ୍କର 'ଓଡ଼ିଶା ଇନ୍‌ଦି ମେକିଙ୍ଗ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, ଏଭଳୀ ମୂର୍ତ୍ତି ଓଡ଼ିଶାର ଅନ୍ୟ କୌଣସି ମନ୍ଦିରରେ ଦେଖିବାକୁ ମିଳେନାହିଁ। କେବଳ ଛତିଶଗଡ଼ ଶିରପୁର ଅଞ୍ଚଳର ପ୍ରାଚୀନ ସୋମବଂଶ ରାଜାମାନଙ୍କର ସିଲ ମୋହରରେ ଏହି ମୂର୍ତ୍ତି ଦେଖିବାକୁ ମିଳେ ବୋଲି ସେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ଏହି ମୂର୍ତ୍ତି ଯେତେବେଳେ ବିରଳ ଏଠାରେ ସେଇ ମୂର୍ତ୍ତୀ ତିନୋଟି ବର୍ତ୍ତମାନ ସୁଦ୍ଧା ଅଛି। ଗୋଟିଏ ଶୁଭେଶ୍ୱର ମନ୍ଦିରର ଦ୍ୱାର ଦେଶରେ, ଆଉ ଗୋଟିଏ କୋଶଳେଶ୍ୱର ମୁଖଶାଳାର ପ୍ରବେଶ ଦ୍ୱାରରେ ଏବଂ ଅନ୍ୟଟି ସଂରକ୍ଷିତ ଭାବରେ ଅଛି। ଏରୁ ଅନୁମାନ କରାଯାଉଛି ଯେ, ଏହି ମନ୍ଦିର ସୋମବଂଶୀ ରାଜା ମହାଭବ ଗୁପ୍ତ ଦେବ (ଜନ୍ମେଜୟଙ୍କ ଅଜା)ଙ୍କ ଦ୍ୱାରା ନିର୍ମିତ। ରାଜୀମ୍‌ର ରାଜୀବ ଲୋଚନ, ଛତିଶଗଡ଼, ଶିରପୁରର ଅନେକ ମନ୍ଦିର, ରାଣୀପୁର ଝିରିଆଲର ସୋମେଶ୍ୱର ଶିବ ମନ୍ଦିର, ପାଟଣାଗଡର କୋଶଳେଶ୍ୱର ଓ ଜୟପୁରର କୋଶଳେଶ୍ୱର ମନ୍ଦିର ସହ ବୈଦ୍ୟନାଥ ମନ୍ଦିର କଳାକୀର୍ତ୍ତିର ସାମଞ୍ଜସ୍ୟ ରହିଛି। ଏହି ମନ୍ଦିରର ମୁଖଶାଳାର ଇଟାକାନ୍ଥ ଶତିଶଗଡ଼ ଶିରପୁରର ଅନେକ ଇଟା ମନ୍ଦିର ସହ ସମାନ। କୋଶଳେଶ୍ୱର ମନ୍ଦିରରେ ଥିବା ଇଟାର ନାଗ ସ୍ତମ୍ଭ ଓ ପଥରର ନାଗ ସ୍ତମ୍ଭ ହେଉଛି ଏହି ମନ୍ଦିରର ବୈଶିଷ୍ଟ୍ୟ। ଏଠାରେ ଥିବା ଅନନ୍ତ ଶୟନ ମୁର୍ତ୍ତୀ ରାଜୀମର ରାଜୀବ ଲୋଚନ ମନ୍ଦିରରେ ଥିବା ମୂର୍ତ୍ତୀ ସହ ସମାନ। ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ଥିବା କାଳେଶ୍ୱର ମନ୍ଦିରର କଳାକୀର୍ତ୍ତି ଦଶମ ଶତାବ୍ଦୀର ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ସହ ଏହାର ସାମଞ୍ଜସ୍ୟ ରହିଛି। ଦଶମ ଶତାବ୍ଦୀରେ ନିର୍ମିତ କାଳେଶ୍ୱର ମନ୍ଦିର ୧୯୨୨ ମସିହା ପର୍ଯ୍ୟନ୍ତ ନିମୁହଁ (ଦ୍ୱାର ବିହୀନ) ଥିଲା। ରାଜା ବୀର ମିତ୍ରୋଦୟଙ୍କ ଶାସନ କାଳରେ ଦ୍ୱାର ଖୋଲା ଯାଇଥିଲା। ୧୯୬୭ ମସିହା ଅଗଷ୍ଟ ମାସ ୧୭ ତାରିଖ ତେଲନଦୀରେ ପ୍ରବଳ ବନ୍ୟା ଆସିବା ଦ୍ୱାରା ପ୍ରସିଦ୍ଧ କାଳେଶ୍ୱର ମନ୍ଦିର ଧ୍ୱଂସ ହୋଇଯାଇଛି। ଏଠାରେ ଏକ ସଂଗ୍ରହାଳୟ ନଥିବାରୁ ଅନନ୍ତ ଶୟନ ବିଷ୍ଣୁମୂର୍ତ୍ତି, ଗଣେଷ, ଦୁର୍ଗା, ହନୁମାନ, ନୃସିଂହ, ଅର୍ଦ୍ଧନାଗେଶ୍ୱର, ବୃଷଭ ଓ ନଟରାଜ ଆଦି ମୂର୍ତ୍ତି ଖରା ବର୍ଷାରେ ନଷ୍ଟ ହେବାକୁ ବସିଲାଣି। ନଟରାଜ ମୂର୍ତ୍ତିଟି ଦୁଇଖଣ୍ଡ ହୋଇଯାଇଛି।


୧୯୬୭ ମସିହା ଅଗଷ୍ଟ ୧୭ ତାରିଖ ଦିନ ତେଲନଦୀ ବନ୍ୟାରେ ଧ୍ୱଂସ ପାଇଛି ଦଶମ ଶତାବ୍ଦୀର ପ୍ରସିଦ୍ଧ କାଳେଶ୍ୱର ମନ୍ଦିର


ଭଗ୍ନ ଅବସ୍ଥାରେ ଗଣେଷ ମୂର୍ତ୍ତୀ

କୋଶଳେଶ୍ୱର ମନ୍ଦିରର ନିର୍ମାତା ତଥା ନିର୍ମାଣ କୋଶଳେଶ୍ୱର ମନ୍ଦିର ମୁଖଶାଳାରୁ ଗମ୍ଭୀରାକୁ ସଂଯୋଗ କରୁଥିବା ଦ୍ୱାରର ଏକ ଶିଳାଲେଖରୁ ଦାର୍ତୀକପାଦଙ୍କ ନାମ ଦେଖିବାକୁ ମିଳୁଥିବାରୁ ଏହା ଆହୁରି କୁହେଳିକାମୟ ହୋଇପଡିଛି। ଓଡ଼ିଆ ଭାଷା ଏବଂ ସାହିତ୍ୟ କ୍ଷେତ୍ରରେ ଆଦି ରଚନାର ମାନ୍ୟତା ପାଉଥିବା ଚର୍ଯ୍ୟାପଦର ଲେଖକ ତଥା ସହଜଯାନର ପ୍ରବର୍ତ୍ତକ ମାନଙ୍କ ମଧ୍ୟରେ ଦାରୀକପାଦ ଅନ୍ୟତମ। ଶୁଣାଯାଏ ଯେ, ଦାରୀକପାଦ ସୋନପୁରର ତତ୍‌କାଳୀନ ରାଜା ବଂଶ ସହିତ ସମ୍ପୃକ୍ତ ଥିଲେ। ତେଣୁ ଶ୍ରୀଶ୍ରୀ କୋଶଳେଶ୍ୱର ମନ୍ଦିର ଉପରେ ଅଧିକ ଗବେଷଣା କରାଯିବାର ଆବଶ୍ରକତା ଦେଖାଯାଉଛି। ସ୍ଥାପତ୍ୟ କଳା ଦୃଷ୍ଟିରୁ ଦେଖିବାକୁ ଗଲେ ଶ୍ରୀଶ୍ରୀ କୋଶଳେଶ୍ୱର ମନ୍ଦିରର ଶିକାଳୀର୍ତ୍ତି ଖୁବ୍ ଉନ୍ନତ ଓ ଉତ୍କୃଷ୍ଟ। କଳାର କରାଳ ଆଘାତରେ ଏହି ମନ୍ଦିରର ପ୍ରାଚୀନ ଗର୍ଭଗୃହ ଧ୍ୱଂସ ପ୍ରାପ୍ତି। ତା' ସ୍ଥାନରେ ଗଢ଼ାଯାଇଥିବା ଗର୍ଭଗୃହ ମୁଖଶାଳାକୁ ବଳି ପଡିଥିବା ପରି ମନେହୁଏ। ଶ୍ରୀଶ୍ରୀ କୋଶଳେଶ୍ୱର ମନ୍ଦିରରେ ଥିବା ବୃଷଭର ନାଭିମଣ୍ଡଳ ଶୂନ୍ୟ ରହିଛି। କିମ୍ବଦନ୍ତୀ ଅଛି ଯେ, ମନ୍ଦିର ସମ୍ମୁଖରେ ଲେଖାଥିଲା 'ନାହିଁ ଧନ ଅଛିରେ ଅଛି ଧନ ନାହିରେ' ଉକ୍ତ ଲେଖାର ଅର୍ଥ କେହି ବୁଝି ପାରୁନଥିଲେ। ଦିନେ ଜଣେ ବାବାଜୀ ଆସି ନିର୍ଜନରେ ବୃଷଭର ନାଭି ମଣ୍ଡଳ ଖୋଳି ପ୍ରଚୁର ଧନରତ୍ନର ଅଧିକାରୀ ହୋଇଥିଲେ ବୋଲି କେତେକ ମତ ଦିଅନ୍ତି। ମନ୍ଦିର ଭିତରେ ତଳୁ ଉପରକୁ ୨୮ଟି ତାନ୍ତ୍ରିକ ଇଟା ଦେଖିବାକୁ ମିଳେ। ସମଗ୍ର ମନ୍ଦିରଟି କାରୁକାର୍ଯ୍ୟ ବିମଣ୍ଡିତ। ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ ପ୍ରବେଶ ଦ୍ୱାରରେ ଦୃଷ୍ଟି କୋଚର ହୁଏ।


ଦର୍ପଣ ଦେଖୁଥିବା ନାରୀ


ଯୁଗଳ ମୂର୍ତ୍ତୀ ପ୍ରେମିକ ପ୍ରେମିକା

ଏତଦ୍‌ବ୍ୟତୀତ ଶ୍ରୀଶ୍ରୀ କୋଶଳେଶ୍ୱର ମନ୍ଦିରର ମୁଖଶାଳାରେ ଅପୂର୍ବ ଠାଣିରେ ଦର୍ପଣ ଦେଖୁଥିବା ନାରୀ, ପ୍ରେମିକ, ପ୍ରେମିକା, ନାଗକନ୍ୟା, ପରୀ କନ୍ୟା, ପରିଚାରିକା, ଶୁକଶାରୀକା, ହରିହର, ଦ୍ୱାରପାଳ, ନାଗରାଜ, ଗଣଦେବୀ, ନାଗଗଣ, ଦଶମୁଣ୍ଡା ମହାକାଳୀ (ଗୌରୀ), ବିଦ୍ୟାଧର, ସନ୍ତାନ ବତ୍ସଳା ଜନନୀର ଫଳ ତୋଳା, ଜୀବନହାଟର ଚିତ୍ର ଓ ଗରାସାଥେ ଅଳସ କନ୍ୟା ତଥା ଅନେକ ଛୋଟବଡ ମୂର୍ତ୍ତି ଏବଂ ଶିଳାଲେଖ ଦେଖିବାକୁ ମିଳେ। ଏତଦ୍‌ବ୍ୟତୀତ ଶୁଭେଶ୍ୱର ମନ୍ଦିର ସାମ୍ନାରେ ନଗଗ୍ରହ ଶୋଭା ପାଉଛନ୍ତି। ଶ୍ରୀ ଶ୍ରୀ କୋଶଳେଶ୍ୱର ମନ୍ଦିର ପରିସରରେ ଥିବା ମା' ଦୁର୍ଗା ଦକ୍ଷିଣ ମୁହାଁ ହୋଇ ପୂଜା ପାଉଛନ୍ତି। ଏଠାରେ ଅନେକ ଛୋଟବଡ ଶିବଲିଙ୍ଗ ଦେଖିବାକୁ ମିଳେ। ଏହି କୋଶଳେଶ୍ୱର ମନ୍ଦିରର କାରୁକାର୍ଯ୍ୟକୁ ବିଶିଷ୍ଟ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ଡଃ ଚାର୍ଲସ ଫେବ୍ରୀ ଉଚ୍ଛ୍ୱସିତ ପ୍ରଶଂସା କରି ଏହି କୀର୍ତ୍ତିକୁ ଜାତୀୟ ସମ୍ପଦ ରୂପେ ଗ୍ରହଣ କରି ସରକାର ତୁରନ୍ତ ରକ୍ଷଣାବେକ୍ଷଣ କରିବା ପାଇଁ 'ଆର୍ଟ ଅଫ୍ ଓଡ଼ିଶା' ପୁସ୍ତକରେ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିରର କାରୁକାର୍ଯ୍ୟ କୋଣାର୍କ ମନ୍ଦିର ସହ ତୁଳନୀୟ। ବିଶେତଃ କୋଶଳେଶ୍ୱର ମନ୍ଦିରର ଦର୍ପଣୀ ଯୁଗଳ ମୂର୍ତ୍ତି ଆଦି କୋଣାର୍କ ମନ୍ଦିର ସହ ସାମଞ୍ଜସ୍ୟ ରହିଛି। ବିଶେଷତଃ କୋଶଳେଶ୍ୱର ମନ୍ଦିରର ଦର୍ପଣୀ ଯୁଗଳ ମୂର୍ତ୍ତି ଆଦି କୋଣାର୍କ ମନ୍ଦିର ଅପେକ୍ଷା ଅଧିକ ସମ୍ବେଦନଶୀଳ। ବିଶିଷ୍ଟ ଗବେଷିକା ଡଃ ବିଦ୍ୟା ଦେହେନିଆ ମଧ୍ୟ ଅନୁରୂପ ମତ ପ୍ରଦାନ କରିଛନ୍ତି। ସ୍ଥାପତ୍ୟ କଳା ଏବଂ ଐତିହାସିକ ଦୃଷ୍ଟିକୋଣରୁ କେବଳ ବୈଦ୍ୟନାଥସ୍ଥ କୋଶଳେଶ୍ୱର ମନ୍ଦିରକୁ ଗୁରୁତ୍ୱପୂର୍ଣ୍ଣ କହିବା ଠିକ୍ ହେବନାହିଁ ବରଂ ଏହା ପଶ୍ଚିମ ଓଡ଼ିଶାର ଏକ ପ୍ରସିଦ୍ଧ ଶୈବପୀଠର ମାନ୍ୟତା ପାଇଛି। ଶୈବପୀଠ ବୈଦ୍ୟନାଥ ଗ୍ରାମକୁ ପ୍ରତିଦିନ ଶହ ଶହ ଭକ୍ତ ଶିବ ଦର୍ଶନ ପାଇଁ ଆସନ୍ତି। ଶ୍ରାବଣ ମାସରେ ଭକ୍ତମାନେ ଦୂରଦୂରାନ୍ତରରୁ ଆସି ଶ୍ରୀଶ୍ରୀ କୋଶଳେଶ୍ୱର ବାବାଙ୍କ ଜଳାଭିଷେକ କରିଥାନ୍ତି। ପ୍ରତ୍ୟେକ ମାସ ସଂକ୍ରାନ୍ତି ତିଥିରେ ଏହି ମନ୍ଦିର ପରିସରରେ ନାମକିର୍ତ୍ତନ ହୋଇଥାଏ। ପ୍ରତ୍ୟେକ ସୋମବାର ଦିନ ଏଠାରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥାଏ। ମନ୍ଦିରର ମୁଖ୍ୟ ପର୍ବ ହେଲା ଶିବରାତ୍ରୀ, ଶୀତଳଷଷ୍ଠୀ, ଦୋଳପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ଚତୁର୍ଦ୍ଦଶୀ। ପୂର୍ଣ୍ଣିମା, ଦୀପାବଳୀ ଓ ଅନ୍ୟାନ୍ୟ ପର୍ବପର୍ବାଣୀ ମଧ୍ୟ ସମାରୋହରେ ଏଠାରେ ପାଳିତ ହୋଇଥାଏ। ବିଶେଷ କରି କାର୍ତ୍ତିକ ଓ ମାଘ ମାସ ଯାକ ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଥାଏ। ଅନେକ ସମୟରେ ଶିବ ଦର୍ଶନ ପାଇଁ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ବୈଦ୍ୟନାଥ ଗ୍ରାମକୁ ଆସିଥାନ୍ତି। ଅନେକ ପର୍ଯ୍ୟଟକ ଏଠାକୁ ଆସୁଥିଲେ ସୁଦ୍ଧା ଏଠାରେ ଦୋକାନ ବଜାର ତଥା ପାନ୍ଥଶାଳାର କୌଣସି ବ୍ୟବସ୍ଥା ନାହିଁ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ଏହାକୁ ଏକ ପର୍ଯ୍ୟଟନ ସ୍ଥଳ ରୂପେ ଗ୍ରହଣ କରାଯାଇ ପାନ୍ଥଶାଳା ନିର୍ମାଣ ତଥା ରାସ୍ତାଘାଟର ଉନ୍ନତି କରାଗଲେ ଏଠାକୁ ନିଶ୍ଚିତ ରୂପେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆକୃଷ୍ଟ ହେବେ। ମନ୍ଦିରରେ ପ୍ରତ୍ୟହ ସକାଳେ ଧୂପ ପରେ ବାଲଭୋଗ, ଦିନ ୧୨ଟା ସମୟରେ ଅନ୍ନ ବ୍ୟଞ୍ଜନ ଓ ସଂଧ୍ୟା ଧୂପ ପରେ ଖେଚୁଡି କଦଳୀ ଇତ୍ୟାଦି ଭୋଗ କରାଯାଇଥାଏ। ସରକାରଙ୍କ ତରଫରୁ ଏହି କୋଶଳେଶ୍ୱର ମନ୍ଦିରକୁ ଜାତୀୟ ସଂପଦ ରୂପେ ଘୋଷଣା କରାଯାଇ ଭଗ୍ନ ପ୍ରାୟ ମୁଖଶାଳାର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ଗୋଟିଏ ସଂଗ୍ରହାଳୟ ନିର୍ମାଣ କରାଯାଇ ପ୍ରସିଦ୍ଧ କାଳେଶ୍ୱର ମନ୍ଦିରର ଗୁରୁତ୍ୱପୂର୍ଣ୍ଣ ମୂର୍ତ୍ତି ସବୁ ସଂରକ୍ଷିତ କରି ରଖାଗଲେ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଏହି ନବମ ଶତାବ୍ଦୀର କୀର୍ତ୍ତିକୁ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ବଞ୍ଚାଇ ରଖିବା ସମ୍ଭବ ହୋଇପାରିବ।

*ଅର୍ଜୁନପୁର, ବୈଦ୍ୟନାଥ*
*ସୁବର୍ଣ୍ଣପୁର-୭୬୭୦୧୭*
*ମୋ-୮୪୫୫୦୧୪୮୯୮*

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ଡିସେମ୍ବର, ୨୦୧୭
Bhubaneswar, 11th - 17th December, 2017




ଆଞ୍ଚଳିକ

# ଦ୍ୱିତୀୟ ବିମାନ ବନ୍ଦର ପାଇଁ ଜମି ଚିହ୍ନଟ



**ଭୁବନେଶ୍ୱର :** ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ସମ୍ପ୍ରସାରଣ ପାଇଁ ଜମି ଚିହ୍ନଟ ହୋଇଛି। ଖୋର୍ଦ୍ଧା ନିକଟରେ ଥିବା ଚାରିରୁ ଛଅଟି ଜାଗାକୁ ଏଥିପାଇଁ ଚିହ୍ନଟ କରାଯାଇଥିବା ଜଣାପଡିଛି। ଖୋର୍ଦ୍ଧାର ମଳିପଡ଼ା, ଜଙ୍କିଆ, ଟାଙ୍ଗିଆପଡ଼ା ଓ ବଡ଼ସାହି ଅଞ୍ଚଳରେ ଜମି ଥିବା ନେଇ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରିଛି। ଏଥିରେ ଚାରିଟି ଜାଗା ସମ୍ପର୍କରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିବା ସୂଚନା ମିଳିଛି। ବିମାନବନ୍ଦର କର୍ତ୍ତୃପକ୍ଷ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ପରେ ଜାଗା ସ୍ଥିର ହୋଇ ବିମାନ ବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବ। ଦ୍ୱିତୀୟ ବିମାନ ବନ୍ଦର ପାଇଁ ରନୱେ ଓ ଏୟାରପୋର୍ଟ ସିଟି ପାଇଁ ପ୍ରାୟ ୩ ହଜାର ଏକର ଜମିର ଆବଶ୍ୟକତା ରହିଛି। ତେବେ ଚିହ୍ନଟ ହୋଇଥିବା ୪ଟି ଅଞ୍ଚଳରେ ସରକାରୀ ଜମି ସହ ବେସରକାରୀ ଜମି ମଧ୍ୟ ରହିଛି। ଆବଶ୍ୟକ ପଡ଼ିଲେ ବେସରକାରୀ ଜମି ଅଧିଗ୍ରହଣ କରାଯିବ ବୋଲି କହିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ। ସଚିବାଳୟରେ ଆୟୋଜିତ ଏକ ବୈଠକରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ଖୋର୍ଦ୍ଧା ଜିଲ୍ଲାପାଳ ନିର୍ମଳଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ପୂର୍ବରୁ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ଭବିଷ୍ୟତରେ ଭୁବନେଶ୍ୱର ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଓ ଏଥିପାଇଁ ଦ୍ୱିତୀୟ ବିମାନବନ୍ଦରର ଆବଶ୍ୟକତା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦ୍ୱିତୀୟ ବିମାନବନ୍ଦର ଆରମ୍ଭ କରିବା ପାଇଁ ଆଲୋଚନା ହୋଇଛି। ପୂର୍ବରୁ ବିମାନବନ୍ଦର କର୍ତ୍ତୃପକ୍ଷ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଜାଗା ଚିହ୍ନଟ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ ବିଜୁ ପଟ୍ଟନାୟକ ବିମାନବନ୍ଦର ସମ୍ପ୍ରସାରଣରେ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା ପାଲଟିଛି। କୋଡ୍-ଇ ଅନ୍ତର୍ଭୁକ୍ତ ବିମାନ ବୋଇଂ ୭୪୭ ଓ ୭୭୭ ପାଇଁ ବର୍ତ୍ତମାନର ବିଜୁ ପଟ୍ଟନାୟକ ବିମାନବନ୍ଦରର ରନ-ୱେ ଛୋଟ ହୋଇପଡୁଛି ବୋଲି କହିଛନ୍ତି କର୍ତ୍ତୃପକ୍ଷ। ତେଣୁ ସମ୍ପ୍ରସାରଣ ନ ହେଲେ ବଡ ବଡ ବିଦେଶୀ ବୋଇଂ ବିମାନ ଆସିବା ସମ୍ଭବ ହୋଇପାରୁନି।

# ବିପ୍ଳବୀ କବି ରବି ସିଂଙ୍କୁ 'ଅତିବଡ଼ୀ' ସମ୍ମାନ



**ଭୁବନେଶ୍ୱର :** ବିପ୍ଳବୀ କବି ରବି ସିଂଙ୍କୁ ୨୦୧୭ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ' ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଏଥିସହିତ ଚଳିତ ବର୍ଷ ପାଇଁ ୧୫ ଜଣ ବରିଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ ସମେତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ୧୯୩୫ ମସିହା ଫେବୃଆରୀ ୧୮ରେ ଜଗତସିଂହପୁର ଜିଲ୍ଲା ନବାପାଟଣାରେ ଜନ୍ମିତ ରବି ସିଂ ଓଡ଼ିଆ ସାହିତ୍ୟରେ ବିପ୍ଳବୀ କବି ଭାବେ ପରିଚିତ। ସଂଘର୍ଷ ଓ ସଙ୍କଟର ଜୀବନଚର୍ଯ୍ୟା ଭିତରେ ସେ ସାମାଜିକ ବିପ୍ଳବ ଆଧାରିତ ଶହ ଶହ କବିତା ରଚନା କରିଛନ୍ତି। ତାଙ୍କ ରଚିତ କବିତା ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି 'ସର୍ବହରା', 'ପଥପ୍ରାନ୍ତର କବିତା', 'ଚରମ ପତ୍ର', ଶିଥିଳ ଭଲ୍‌ଗା', 'ଭ୍ରୁକୁଟୀ', 'ବିଷବାଣୀ', 'ଦୁର୍ଗମ ଗିରି' ଅନାର୍ଯ୍ୟର ଆର୍ଯ୍ୟପଦ', 'କ୍ରାନ୍ତି କାମୋଦି, 'ଜଳ ମୋ ଅନଳ' ଓ 'ପୃଥିବୀ ଟଳମଳ'। 'ସଂସ୍କୃତିର ବୈପ୍ଳବିକ ମୂଲ୍ୟବୋଧ' ତାଙ୍କର ଅନ୍ୟତମ ସମାଲୋଚନା ଗ୍ରନ୍ଥ। ତାଙ୍କର ବହୁଚର୍ଚ୍ଚିତ ଆତ୍ମଜୀବନୀ 'ନିଃସଙ୍ଗ ପଦାତିକ' ତାଙ୍କୁ ଆଣିଦେଇଛି ପର୍ଯ୍ୟାପ୍ତ ଆଦୃତି। ସୁବକ୍ତା ଓ ସୁସଂଗଠକ ଭାବରେ କବି ରବି ସିଂଙ୍କର ସୁନାମ ରହିଛି। ସେ ପୂର୍ବରୁ ନିଜର କବିତା ସଙ୍କଳନ ଚରମପତ୍ର ପାଇଁ ୧୯୭୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। ଏଥିସହିତ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ 'ଗଙ୍ଗାଧର ରଥ ଫାଉଣ୍ଡେସନ୍ ସମ୍ମାନ' ଓ 'ସୋଭିଏତ୍ ଲ୍ୟାଣ୍ଡ ନେହେରୁ' ପୁରସ୍କାର ପାଇଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ଏକ ଲକ୍ଷ ଟଙ୍କା, ମାନପତ୍ର, ଶାଲ୍ ଓ ତାମ୍ରଫଳକ ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବର୍ଦ୍ଧିତ ହେବାକୁ ଥିବା ବରିଷ୍ଠ ସାହିତ୍ୟିକମାନେ ହେଲେ ସନାତନ ମହାନ୍ତି, ରଜତ କୁମାର କର, ଭୂପେନ୍ ମହାପାତ୍ର, ନବକିଶୋର ପୃଷ୍ଟି, ରାମଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର କୁମାର ମହାରଣା, ତ୍ରିନାଥ ସାହୁ, ଲକ୍ଷ୍ମୀଧର ଜେନା, ବଂଶୀଧର ରାଉତ, ପଞ୍ଚାନନ ମିଶ୍ର, ଅଞ୍ଜଳି ପଣ୍ଡା, ନକୁଳ ଚନ୍ଦ୍ର ସାହୁ, ଅନିଲ ଚନ୍ଦ୍ର ଦାଶ, କୁମୁଦ ଚନ୍ଦ୍ର ଦାଶ ଓ ଗୋବର୍ଦ୍ଧନ ନାୟକ। ପୁରସ୍କାର ସ୍ୱରୂପ ସମସ୍ତ ସାହିତ୍ୟିକଙ୍କୁ ମାନପତ୍ର, ଶାଲ୍, ତାମ୍ରଫଳକ ସହିତ ୨୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦ ବୈଠକ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ଅତିବଡ଼ୀ ସମ୍ମାନ ଓ ସାହିତ୍ୟିକ ସମ୍ବର୍ଦ୍ଧନା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅପରାହ୍ନରେ କବି ଶ୍ରୀ ସିଂଙ୍କୁ ଭୁବନେଶ୍ୱର ୬ ନମ୍ବର ୟୁନିଟ୍‌ସ୍ଥିତ ତାଙ୍କ ବାସଭବନରେ ଏକାଡେମୀର ଉପସଭାପତି ଗାୟତ୍ରୀ ସରାଫ, ସଚିବ ଅଶ୍ୱିନୀ କୁମାର ମିଶ୍ରଙ୍କ ସମେତ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାଗୀରଥି ମହାସୁଆର, ଡ. ବିଜୟାନନ୍ଦ ସିଂହ, ଚନ୍ଦ୍ରଶେଖର ହୋତା, ସୁଶାନ୍ତ କୁମାର ନାୟକ ଓ ସହ ସଚିବ ରବି ନାରାୟଣ ରାୟ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀଯୁକ୍ତ ସିଂଙ୍କୁ ଅତିବଡ଼ୀ ସମ୍ମାନ ଘୋଷଣା ପରେ ଓଡ଼ିଆ ସାହିତ୍ୟ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ୪ଜଣ ବରିଷ୍ଠ ଶିଳ୍ପୀଙ୍କୁ ' ଶିଳ୍ପୀ ସମ୍ରାଟ ସମ୍ମାନ-୨୦୧୭'



**ଭୁବନେଶ୍ୱର :** ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ପରିସରରେ ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ପକ୍ଷରୁ ଆୟୋଜିତ ହୋଇଯାଇଛି 'ବିଶ୍ୱ ଶିଳ୍ପୀ ଦିବସ'। ଏଥିରେ ସାମିଲ ହୋଇଛି 'ଇପ୍‌କା'(ଇଲା ପଣ୍ଡା ସେଣ୍ଟର୍ ଫର୍ ଆର୍ଟ)। କାର୍ଯ୍ୟକ୍ରମକୁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ରାଜନେତା ପ୍ରଶାନ୍ତ ନନ୍ଦ, 'ଇପ୍‌କା' ମୁଖ୍ୟ ଟ୍ରଷ୍ଟି ପାରମିତା ମହାପାତ୍ର, ଶିଳ୍ପୀଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଖଦି ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୪ ବରିଷ୍ଠ ଶିଳ୍ପୀଙ୍କୁ 'ଶିଳ୍ପୀ ସମ୍ରାଟ ସମ୍ମାନ-୨୦୧୭'ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ବିନୋଦ ମହାରଣା, ଲଲାଟ ମୋହନ ପଟ୍ଟନାୟକ, ପଞ୍ଚାନନ ସୁର୍, ନିକୁଞ୍ଜ ବିହାରୀ ଦାସ। ସମସ୍ତଙ୍କୁ ମାନପତ୍ର, ସ୍ମୃତିଫଳକ, ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ୨୮ଜଣଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ୧୪ଜଣଙ୍କୁ 'ଶିଳ୍ପୀ ସ୍ମାରକୀ ସମ୍ମାନ' ଏବଂ ବାକି ୧୪ଜଣଙ୍କୁ 'ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ୫ଟି ବିଭାଗରେ ଜାତୀୟସ୍ତରର ୧୩ଜଣ ଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ସେଥିରୁ ତିନିଜଣଙ୍କୁ ୧୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଚିତ୍ରକଳାରେ ଯଶପାଲ୍ ସିଂ, ଭାସ୍କର୍ଯ୍ୟ କଳାରେ ରବି ପ୍ରକାଶ, ପ୍ରିଣ୍ଟମେକିଂରେ ରାହୁଲ ଧୀମାନ୍। ୫ଜଣଙ୍କୁ ୫ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା।

# 'ପାଇକ ବିଦ୍ରୋହ ପ୍ରେରଣାର ଉତ୍ସ ଜୟୀ ରାଜଗୁରୁ'




**ଭୁବନେଶ୍ୱର :** ପାଇକ ବିଦ୍ରୋହର ଆଲୋଚନାରେ ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନେବା ଅପେକ୍ଷା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପ୍ରାଧାନ୍ୟ, ପୃଷ୍ଠଭୂମି ଓ ପରିଣତି ବାବଦରେ ବିମର୍ଶ ହେବା ଦରକାର। ପାଇକ ବିଦ୍ରୋହର ବୀର ନାୟକମାନଙ୍କ କଥାକୁ ନେଇ ବିତର୍କ ଅପେକ୍ଷା ଘଟଣାର ସବିଶେଷ ଆକଳନ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ କହିଛନ୍ତି। ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଅଭିଲେଖାଗାରରେ ପାଇକ ବିଦ୍ରୋହ ସମ୍ପର୍କିତ ଏକ ଦିବସୀୟ ଆଲୋଚନାଚକ୍ରରେ ବକ୍ତାମାନେ ଏଭଳି ମତ ରଖିଛନ୍ତି। ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି କହିଥିଲେ, ୧୮୦୪ରେ ଜୟୀ ରାଜଗୁରୁଙ୍କ କାର୍ଯ୍ୟକଳାପ ଓ ଆତ୍ମବଳିଦାନ ପାଇକ ବିଦ୍ରୋହ ପରି ଏକ ଯୁଗାନ୍ତକାରୀ ଘଟଣାର ପ୍ରେରଣାର ଉତ୍ସ ଥିଲା। ୧୮୦୪ରୁ ଆରମ୍ଭ ହୋଇଥିବା ଏହି ଗଣବିଦ୍ରୋହ ୧୮୬୬ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ପରେ ୨ଟି ପୃଥକ ବୈଷୟିକ ଅଧିବେଶନରେ ପ୍ରଫେସର ପ୍ରସନ୍ନ କୁମାର ଜେନା, ପ୍ରଫେସର ବସନ୍ତ କୁମାର ମଲ୍ଲିକ୍, ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ, ନୃତ୍ୟାଙ୍ଗନା ଇଲିୟାନା ସିତାରିଷ୍ଟି, ପ୍ରଫେସର ଅତୁଲ ଚନ୍ଦ୍ର ପ୍ରଧାନ, ପ୍ରଫେସର ନାରାୟଣ ରାଓ, ଡ. ପ୍ରସନ୍ନ କୁମାର ମିଶ୍ର, ଡ. ସସ୍ମିତା ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ ଓ ପ୍ରଫେସର ଅଭିରାମ ବିଶ୍ୱାଳ ଅଧିବେଶନକୁ ସଞ୍ଚାଳନ କରିଥିଲେ।

# ନିରାମୟ ଯୋଜନା ବାଟବଣା : ବିଜେପି

**ଭୁବନେଶ୍ୱର :** କେନ୍ଦ୍ରୀୟ ଯୋଜନା ଅନୁଯାୟୀ ରାଜ୍ୟସରକାର ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ନିରାମୟ ଯୋଜନା ମାଧ୍ୟମରେ ଔଷଧ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ବିଶେଷ ଭାବେ ସମସ୍ତ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗରିବ ଶ୍ରେଣୀର ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଇ ଦେବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ। ମାତ୍ର ଅପାରଗ ଓ ସ୍ଥାଣୁ ରାଜ୍ୟ ସରକାରଙ୍କ ବ୍ୟାପକ ଭ୍ରଷ୍ଟାଚାରରେ ଲିପ୍ତତା କାରଣରୁ ଏହି ଯୋଜନାଟି ସଂପୂର୍ଣ୍ଣ ବାଟବଣା ହୋଇଛି ବୋଲି ବିଜେପି ଅଭିଯୋଗ କରିଛି। ଗତ ୨୦୧୫ ମସିହା ମେ ୧ ତାରିଖରେ ରାଜ୍ୟ ସରକାର ନିରାମୟ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅନୁସାରେ ୭୨୦ ପ୍ରକାରର ଔଷଧ ବିଭିନ୍ନ ସରକାରୀ ମେଡିକାଲରେ ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। କିଛି ଦିନ ପରେ ନିରାମୟ ଯୋଜନାରେ ମେଡିସିନ ବଂଟନକୁ ନେଇ ହେରଫେର ସହ ନିକୃଷ୍ଟମାନ ଓ ନକଲି ଔଷଧ ବିତରଣ ହେବାର ଅଭିଯୋଗ ବାରମ୍ବାର ନଜରକୁ ଆସିଛି। ଏଭଳି ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଚୁପ୍ ରହିବା ଏବଂ କୌଣସି ପଦକ୍ଷେପ ନନେବା ବିଜେପିର ଅଭିଯୋଗକୁ ସତ୍ୟ ପ୍ରମାଣିତ କରୁଛି ବୋଲି ରାଜ୍ୟ ସଂପାଦକ କାଳନ୍ଦୀ ସାମଲ କହିଛନ୍ତି।

ତେବେ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଏସଏମସିଏଲ ( ଓଡିଶା ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡ)ର ଦୁଇଟି ଚିଠି ରାଜ୍ୟ ସରକାରଙ୍କ ଅସଲି ମୁଖା ଖୋଲିଦେଇଛି। ପ୍ରଥମ ଚିଠି ୨୪ ମେ ୨୦୧୭ ଜେନେରାଲ ମ୍ୟାନେଜର (ଛଇ) ଡିସ୍ପୋଜେବଲ ସିରିଂଜ୍ ୨ଏମଏଲ ର ଗୁଣାତ୍ମକ ମାନକୁ ନେଇ ଜେନେରାଲ ମ୍ୟାନେଜର ଅପରେସନ (ଡ୍ରଗ୍ସ ଏଣ୍ଡ ସରର୍ଜିକାଲସ)ଙ୍କୁ ଅବଗତ କରାଇଥିଲେ। ଆଉ ଏବେ ଡିସେମ୍ବର ୨୦୧୭ରେ **Levocetrizine Dihydrochloride tablet 5 mg** ନିକୃଷ୍ଟମାନର ବୋଲି ଦ୍ୱିତୀୟ ଚିଠିରେ ଅବଗତ କରାଇଛନ୍ତି। ଏଥିରୁ ଅନୁମାନ କରାଯାଉଛି କି ରାଜ୍ୟ ସରକାରଙ୍କର ଯୋଜନା କେତେ ଜନହିତକର ? ପୂର୍ବରୁ ସାଧାରଣ ଔଷଧ ସହ ସାଲାଇନ ମିଳୁନଥିବାର ଅଭିଯୋଗ ହୋଇଥିବାବେଳେ ବର୍ତମାନ ନିମ୍ନମାନର ଔଷଧ ବଂଟନ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବାର ଢେଙ୍ଗୁରା ପିଟୁଥିବାବେଳେ ବାସ୍ତବତାର ଚିତ୍ର ଏଠି ଭିନ୍ନ ଦେଖିବାକୁ ମିଳୁଛି। ସାଧାରଣ ରୋଗୀଙ୍କୁ ନିମ୍ନମାନର ଔଷଧ ଦେଇ ସେମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ରାଜ୍ୟ ସରକାର। ସେପଟେ ଦିନକୁ ଦିନ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ସାଧାରଣ ରୋଗୀଟିଏ ସରକାରୀ ମେଡିକାଲକୁ ଆସି ବିଭିନ୍ନ ସମୟରେ ଲୁଟ୍‌ର ଶିକାର ହେଉଛି। "ସୁସ୍ଥ ଜୀବନ ସୁଖୀ ଜୀବନ"ର ନାରା ସହ ଯେଉଁ ନିରାମୟ ଯୋଜନା ଆରମ୍ଭ ହୋଇଥିଲା ତାହା ଆଜି ସଂପୂର୍ଣ୍ଣରୂପେ ଫେଲ୍ ମାରିଛି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ନିରାମୟ ଯୋଜନା ଅର୍ନ୍ତଗତ ନକଲି ଔଷଧ ବଂଟନକୁ ରାଜ୍ୟ ବିଜେପି ବିରୋଧ କରିବା ସହ ପ୍ରତ୍ୟକ ଔଷଧର ନମୁନା **Central Drug Testing Laboratory** ମାଧ୍ୟମରେ ଯାଂଚ କରିବା ପାଇଁ ଦାବି କରିଛି। ଯଦି ରାଜ୍ୟସରକାରଙ୍କ ଏହି ଆଭିମୁଖ୍ୟକୁ ଦୃଢ ନିନ୍ଦା କରୁଛି ଏବଂ ତୁରନ୍ତ ଉତମ ମାନ ଯୁକ୍ତ ଔଷଧ ଯୋଗାଇବା ପାଇଁ ବିଜେପି ଦାବୀ କରୁଛି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି।

# ପ୍ଲେସ୍‌ମେଣ୍ଟରେ 'ବିକାଶ' ଛାତ୍ରଛାତ୍ରୀ ସଫଳ




**ବରଗଡ଼,(ଇଏନ୍‌ଏସ୍) :** ସ୍ଥାନୀୟ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ଏବଂ ବିକାଶ ଡିଗ୍ରୀ କଲେଜ୍ ର ଛାତ୍ରଛାତ୍ରୀ ଟାଟା କନ୍‌ସଲ୍‌ଟେନ୍ସୀ ସର୍ଭିସେସ୍ ତରଫରୁ ଭବାନୀପାଟଣାରେ ଅନୁଷ୍ଠିତ କରାଯାଇଥିବା ପ୍ଲେସ୍‌ମେଣ୍ଟ ପ୍ରକ୍ରିୟାରେ ସଫଳତାର ସହ ନିଯୁକ୍ତି ପାଇଛନ୍ତି। ପଶ୍ଚିମ ଓଡ଼ିଶାର ୧୦ଟି କଲେଜରୁ ୧୮୦ଜଣ ଭାଗନେଇଥିବା ଏହି ଚୟନ ପ୍ରକ୍ରିୟାରେ ସର୍ବମୋଟ୍ ୩୦ ଜଣଙ୍କୁ ଚୟନ କରାଯାଇଥିଲା ଯେଉଁଥିରେ ବିକାଶ ରୁ ୮ଜଣ ସାମିଲ ଥିଲେ। ସଫଳ ଛାତ୍ରଛାତ୍ରୀମାନେ ହେଲେ ବିବିଏ ରୁ ଅସ୍ମିତା ଅଗ୍ରୱାଲ, ଚାନ୍ଦିନୀ ଅଗ୍ରୱାଲ, ହୀରନ୍‌ମୟୀ ସାହୁ, ପ୍ରବୀଣ କୁମାର ବାଗ, ପ୍ରବୀର କୁମାର ଜୈନ୍ ଏବଂ ସମ୍ବେଦନା ମହାନ୍ତି ତଥା ବାଣିଜ୍ୟ ରୁ କାହ୍ନା ଅଗ୍ରୱାଲ ଓ ଶୁଭାଶିଷ ମେହେର। ଉକ୍ତ ସଫଳତା ପାଇଁ ବିକାଶ ଗ୍ରୁପ୍ ର ଚେୟାରମେନ୍ ଶ୍ରୀଯୁକ୍ତ ଡି. ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀଯୁକ୍ତ ଜି.ଭାସ୍କର ରାଓ, ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀଯୁକ୍ତ ଡି.ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ସମେତ ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ର ଅଧ୍ୟକ୍ଷ ଡ.କ୍ଷୀରୋଦ କୁମାର ପ୍ରଧାନ ଏବଂ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ପଣ୍ଡା ଛାତ୍ରଛାତ୍ରୀ ତଥା ଅଭିଭାବକ ଓ ଅଧ୍ୟାପକ-ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ବିକାଶ ଅନ୍ତର୍ଗତ ବିବିଏ, ବିସିଏ, ବିଏସ୍‌ସି, ବିକମ୍ ଏବଂ ବିଟେକ୍ ରୁ ବିଭିନ୍ନ ଅଗ୍ରଗାମୀ ଏବଂ ଆନ୍ତର୍ଜାତୀୟ ସଂସ୍ଥା ତରଫରୁ ଅନେକ ଛାତ୍ରଛାତ୍ରୀ ପ୍ଲେସ୍‌ମେଣ୍ଟରେ ସଫଳତା ପାଇଆସୁଛନ୍ତି।

## ଦୁର୍ନୀତିର ଗନ୍ତାଘର ପାଲଟିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ମାଷ୍ଟରମାଇଣ୍ଡ୍ ଡାକ୍ତର କନବାବୁ !

**କେନ୍ଦ୍ରାପଡ଼ା, (ଅନନ୍ତ ଗୋପାଳ ସାହୁ) :** ଶ୍ରୀବଳଦେବ ଜୀଉଙ୍କ ନାମରେ ଖ୍ୟାତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଖୋଲାଖୋଲି ଚାଲିଛି ଦଲାଲଙ୍କ ରାଜ୍। ଏଥିରେ ସାମିଲ ହୋଇଛନ୍ତି ଡାକ୍ତର, ଷ୍ଟାଫନର୍ସ ଏବଂ ଆଶାକର୍ମୀ। ବିଶେଷକରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଲାଞ୍ଚ କାରବାର ଯେଭଳି ଭାବେ ବଢ଼ିଚାଲିଛି ତାହା ବିଶ୍ୱାସ କରିହେବନି। ବିନା ଖର୍ଚ୍ଚରେ ଏହି ସରକାରୀ ଚିକିତ୍ସାଳୟରେ ପ୍ରସବ କରିବା ସମ୍ଭବ ନୁହେଁ। ପ୍ରସୂତୀଙ୍କ ସମ୍ପର୍କୀୟ ବା ସ୍ୱାମୀ ଲାଞ୍ଚ ନଦେଲେ ଏଠାରୁ ସିଧାସଳଖ କଟକ ବଡଡାକ୍ତରଖାନାକୁ ରୋଗୀ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ବି ପ୍ରଶାସନିକ ତତ୍ପରତା ଅଭାବରୁ ଏହି ଘଟଣାରେ ରୋକ ଲାଗିପାରୁନାହିଁ। ଯାହାର ଫାଇଦା ନେଉଛନ୍ତି ଏଥିରେ ସଂଶ୍ଳିଷ୍ଟ ଦଲାଲ, ଡାକ୍ତର ଓ ଚିକିତ୍ସାଳୟର ଅନ୍ୟ କର୍ମଚାରୀ।

ଏଭଳି ଲାଞ୍ଚ ଘଟଣାକୁ ବିରୋଧ କରି ନିକଟରେ ଏକ ଆନ୍ଦୋଳନ ମଧ୍ୟ କରାଯାଇଥିଲା। ପରେ ଏ ସମ୍ପର୍କରେ 'ଏକମାତ୍ର'ରେ ଖବର ପ୍ରକାଶ କରାଯାଇଥିଲେ ବି ଘଟଣା ଉପରେ କୌଣସି ଅଙ୍କୁଶ ନ ଲାଗିବା ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କୁ ସନ୍ଦେହରେ ପକାଇଛି। ନିକଟରେ ପ୍ରସବ ନିମନ୍ତେ ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହିଳାଙ୍କ ସ୍ୱାମୀ ମଲ୍ଲିକ ବାବୁ ନିଜର ନାମକୁ ସମ୍ପୂର୍ଣ୍ଣ ଗୋପନ ରଖି କହିଛନ୍ତି ଯେ, ଲାଞ୍ଚକୁ ନେଇ ମୋ ଅଭିଯୋଗ ପରେ ଏଠାରେ ଅନେକ କିଛି ଘଟଣା ଘଟିଲା। ହେଲେ ପ୍ରଶାସନ ତରଫରୁ ସେଭଳି କିଛି ପଦକ୍ଷେପ ନିଆଗଲାନାହିଁ। ଯାହାକି ଅତ୍ୟନ୍ତ ନିନ୍ଦାର ବିଷୟ। ମଲ୍ଲିକ ବାବୁଙ୍କ ତଥ୍ୟ ଅନୁସାରେ ଏହି ଘଟଣାର ମାଷ୍ଟର ମାଇଣ୍ଡ ହେଉଛନ୍ତି ଏଠାରେ କାର୍ଯ୍ୟରତ ଡାକ୍ତର କନବାବୁ। ତାଙ୍କରି ଇଙ୍ଗିତରେ ଦଲାଲମାନେ ଏଭଳି କାର୍ଯ୍ୟରେ ଲିପ୍ତ ବୋଲି ଅଭିଯୋଗ ହେଉଛି। ଯାହାର ସବିଶେଷ ତଥ୍ୟ 'ଏକମାତ୍ର'ର ହସ୍ତଗତ ହୋଇଛି। ଆଗାମୀ ଦିନରେ ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଦୁର୍ନୀତିର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇବ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୂତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**